# ଗରିବ ବସ୍ତି ଉଚ୍ଛେଦ ବିରୋଧରେ ବଢ଼ିଲା ତାତି

■ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି
■ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବରଗଡ଼,୨୬।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଛି। ଏହି କ୍ରମରେ ବୁଲଡୋଜର ପର୍ଯ୍ୟାୟକ୍ରମେ ସହରର ଗୋଟିଏ ସ୍ଥାନରୁ ଅନ୍ୟ ଜବରଦଖଲ ସ୍ଥାନକୁ ମାଡ଼ି ବସିଛି। ସହରର ବଡ଼ବଡ଼ିଆ ଜବରଦଖଲକାରୀଙ୍କ ବଦଳରେ ଗରିବ ଲୋକଙ୍କ କୁଡ଼ିଆ ଘର, ଠେଲାକୁ ପ୍ରଥମେ ବୁଲଡୋଜର ମାଡ଼ି ବସୁଛି। ଏଭଳି ବୁଲଡୋଜର ମାଡ଼ରେ ସହରସ୍ଥିତ ଗରିବ, ଖଟିଖିଆ ଲୋକେ ବାସହରା ହୋଇପଡୁଥିବାବେଳେ ସେମାନଙ୍କ ଜୀବନ, ଜୀବିକା ମଧ୍ୟ ଉଜୁଡ଼ି ଯାଉଛି। ମଙ୍ଗଳବାର ବରଗଡ଼ ପୌର ପରିଷଦର ୱାର୍ଡ ନଂ–୧୧, ୧୪ ଏବଂ ୧୫ ଅଧୀନରେ ରହିଥିବା କେନାଲପଡ଼ା ଉଚ୍ଛେଦକୁ ନେଇ ଅସନ୍ତୋଷ ସହିତ ଚାପା ଉତ୍ତେଜନା ଲାଗି ରହିଛି। ଏହି କ୍ରମରେ ଗୁରୁବାର ବହୁଜନ ସମାଜ ପାର୍ଟି(ବିଏସ୍‌ପି) ବିକ୍ଷୋଭ ପ୍ରଦର୍ଶନ ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଉଚ୍ଛେଦ ପୂର୍ବରୁ ଆଇନ ଅନୁଯାୟୀ, ପ୍ରଭାବିତ ଲୋକଙ୍କୁ ଥଇଥାନ କରିବାକୁ ଦାବି ହୋଇଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ବିଏସ୍‌ପିର ନେତୃବୃନ୍ଦ ଓ କର୍ମୀମାନେ ଗୋବିନ୍ଦପାଲିରେ ସମବେତ ହୋଇଥିଲେ। ସେଠାରୁ ପ୍ରଭାବିତ ପରିବାର ଲୋକଙ୍କ ସହିତ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଆସିଥିଲେ। ସେମାନେ ପହଞ୍ଚିବା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ ପୋଲିସ ବନ୍ଦ କରି ଦେଇଥିଲା। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଉଚ୍ଛେଦକୁ ବିରୋଧ କରି ସେମାନେ ବିଭିନ୍ନ ନାରାବାଜି କରିଥିଲେ। ବିଏସ୍‌ପିର ଜିଲା ସଭାପତି ଅଜୟ କୁମ୍ଭାରଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ସମ୍ବଲପୁର ଜୋନ ପ୍ରଭାରୀ ନାରାୟଣ ଭେସ୍ରା, ଜିଲା ସଂଯୋଜକ ଆଡ୍‌ଭୋକେଟ୍ ଜୟରାମ ବାଘ, ସମ୍ବଲପୁର ଜୋନ୍‌ର ଅନ୍ୟତମ ପ୍ରଭାରୀ ରାଜୁ ନନ୍ଦ, ଗାନ୍ଧୀ ମହାନନ୍ଦ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଦ୍‌ବୋଧନ ଦେଇଥିଲେ।

ପ୍ରଭାବିତ ଲୋକଙ୍କୁ ପର୍ଯ୍ୟାପ୍ତ ସମୟ ନ ଦେଇ ବିନା ନୋଟିସ୍, ବିନା ଥଇଥାନରେ ଉଚ୍ଛେଦ କରାଯିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି ସମ୍ବଲପୁର ଜୋନ୍ ପ୍ରଭାରୀ ଭେସ୍ରା କହିଥିଲେ। ସେହିପରି ଦୀର୍ଘ ୫୦ରୁ ୬୦ବର୍ଷ ଧରି ରହି ଆସୁଥିବା ପଡ଼ାବାସୀଙ୍କୁ ପ୍ରଶାସନ ଯେଭଳି ଉଚ୍ଛେଦ କରିଛି, ତାହା ପ୍ରିଭେନ୍ସନ ଅଫ୍ ଏନ୍‌କ୍ରୋଚ୍‌ମେଣ୍ଟ ଆକ୍ଟ ୧୯୭୨ର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଦଳର ଜିଲା ସଂଯୋଜକ ବାଘ କହିଥିଲେ। ପରେ ଜିଲାପାଳ ଗୋୟଲଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଭାବିତ ପରିବାର ଲୋକଙ୍କୁ ବରଗଡ଼ ପୌରାଞ୍ଚଳରେ ବାସୋପଯୋଗୀ ୪ଡେସିମିଲ ଜମି ପଟ୍ଟା ପ୍ରଦାନ, ସେଠାରେ ତୁରନ୍ତ ଗୃହ ନିର୍ମାଣ ସହିତ ପୁନର୍ବାସ କରିବା, ପୁନର୍ବାସ ସ୍ଥାନରେ ଶୁଦ୍ଧ ପାନୀୟଜଳ, ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା, ବଜାର ବ୍ୟବସ୍ଥା, ପକ୍କାରାସ୍ତା, ପ୍ରଭାବିତ ପରିବାର ଲୋକଙ୍କୁ ୨୦ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ, ଗାନ୍ଧୀଛକ କଡ଼ରେ ଉଚ୍ଛେଦ କରାଯାଇଥିବା ଦୋକାନୀଙ୍କୁ ଦୋକାନ ଗୃହ ପ୍ରଦାନ ସହିତ କ୍ଷତିପୂରଣ ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ସିଂ, ଅନିଲ ନାଏକ, କୈଳାସ ଲୁହା, ସରୋଜ କୁମ୍ଭାର, କଲ୍ୟାଣୀ ନାଗ, ଲତା ନାଗ, ଯାଜ୍ଞସିନୀ ନାଏକଙ୍କ ସମେତ ଶତାଧିକ ମହିଳା, ପୁରୁଷ ସାମିଲ ହୋଇଥିଲେ।


ଉଚ୍ଛେଦ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

## ପଦ୍ମପୁର ଉପଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା


ପଦ୍ମପୁର ଉପଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନ।

ପଦ୍ମପୁର,୨୬।୩(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲାଙ୍କୁ ଗୁରୁବାର ପଦ୍ମପୁର କାର୍ଯ୍ୟାଳୟରୁ ବିଦାୟ ନେଇଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ତହସିଲଦାର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସରକାରଙ୍କ ନୂତନ ନିଯୁକ୍ତି ଅନୁଯାୟୀ, ଅରୁଗୁଲାଙ୍କୁ ପୁରୀ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହା ସହିତ ପୁରୀ ମ୍ୟୁନିସିପାଲ କର୍ପୋରେଶନର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ନିଭାଇବେ। ଏହି ସନ୍ଦର୍ଭରେ, ପାଇକମାଲ ତହସିଲଦାର ସିନ୍ଧୁସୁତା ପାତ୍ର ପଦ୍ମପୁର ଉପଜିଲାପାଳ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଜି ଔପଚାରିକ ଭାବେ କାର୍ଯ୍ୟଭାର ଗ୍ରହଣ କରି ପ୍ରଶାସନିକ କାର୍ଯ୍ୟ ସୁଚାରୁ ଭାବେ ଚଳାଇବା ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

## ରାମଚଣ୍ଡୀଙ୍କ ପୀଠରେ ତ୍ରିଦିନାତ୍ମକ ବାସନ୍ତିକ ପୂଜା



ସୋହେଲା,୨୬।୩(ଅଶ୍ୱିନୀ କୁମାର ପାତ୍ର): ବରଗଡ଼ ଜିଲା ସୋହେଲା ବ୍ଲକ ଲମ୍ବରୁପାଲି ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରେ ତ୍ରିଦିନାତ୍ମକ ବାସନ୍ତୀକ ପୂଜା ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବରେ ଜଟଲା ଗ୍ରାମର ଉତ୍ତମ କୁମାର ସାହୁ ଏବଂ ତାଙ୍କ ସ୍ତ୍ରୀ ଯାଜ୍ଞସିନି କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପଣ୍ଡିତ ତରନିସେନ ମିଶ୍ରଙ୍କ ନେତୃତ୍ୱରେ ସନ୍ତୋଷ ଦେବତା, ପ୍ରଶାନ୍ତ ପାଣିଗ୍ରାହୀ, ମନ୍ଦିର ପୂଜକ ଟଙ୍କଧର ପଧାନ, ଡୋଳାମଣି ଥାନାପତି, କୃଷ୍ଣ ବାରିକ ପ୍ରଥମ ଦିନ ସନ୍ଧ୍ୟାରେ ସମାଜର ପ୍ରତିଷ୍ଠିତ କବିମାନଙ୍କୁ ନେଇ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ହାସ୍ୟ କବି ଦେବେନ୍ଦ୍ର ସାହୁ, କ୍ରାନ୍ତି କବି ହରିଲାଲ ସାହୁ , ହାସ୍ୟ କବି ଅହଲ୍ୟା ପଧାନ, କବି ଉମେଶ ପଧାନ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଟ୍ରଷ୍ଟର ସଭାପତି ଯୁଗଳ କିଶୋର ପଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିତା ଆସରକୁ କେଦାରନାଥ ସାହୁ ସଂଯୋଜନା କରିଥିଲେ। ଉପସ୍ଥିତ କବିମାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ ମହାଗୌରୀ ବେଶ



ବରଗଡ଼,୨୬।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଇଙ୍କ ବାସନ୍ତୀକ ନବରାତ୍ର ପୂଜା ଚାଲିଛି। ଅଷ୍ଟମ ଦିବସ ଗୁରୁବାର ଦେବୀ ମହାଗୌରୀ ବେଶରେ ଦର୍ଶନ ଦେଇଥିଲେ । ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ପହଞ୍ଚିଥିଲେ । ଦେବୀଙ୍କ ପୀଠରେ ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନ ୧୧ଟା ୫୧ ମିନିଟରେ ଦେବୀଙ୍କ ମହାନବମୀ ବିହିତ ପୂଜାର୍ଚ୍ଚନା ଏବଂ ଅପରାହ୍ନ ୨ଟା ୨୭ରୁ ଚଣ୍ଡିହୋମ ଆରମ୍ଭ ହୋଇଥିଲା। ଏହା ସହିତ ଦେବୀ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଥିଲେ। ସନ୍ଧ୍ୟା ୭ଟା ୧୫ ମିନିଟରେ ପୂର୍ଣ୍ଣାହୁତି ତଥା ସାମୁହିକ ଆର୍ଶୀବାଦ ପ୍ରଦାନ କାରାଯାଇଥିଲା।

### ରାମନବମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା

ଝାରବନ୍ଧ,୨୬।୩(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ବଜରଙ୍ଗ ଦଳ ତରଫରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଗୁରବାର ଅନୁଷ୍ଠିତ ହୋଇଯାଇଛି । ବଜରଙ୍ଗ ଦଳର ଆବାହକ ସତ୍ୟମ ପ୍ରଧାନ ଓ ବାବୁଲୁ ଭୋଇଙ୍କ ନେତୃତ୍ୱରେ ଡଭାଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ନିତ୍ୟାନନ୍ଦ ପୁର, ଭଣ୍ଡାରଯୋରୀ, ବିଳାସପୁର, ଗୋଠୁଗୁଡା, କୋତନା ଦେଇ ଝାରବନ୍ଧରେ ପହଞ୍ଚି ଥିଲା । ପରେ ଚାନ୍ଦିନୀ ଛକରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହିକାର୍ଯ୍ୟକ୍ରମକୁ ସନ୍ତୋଷ ବେହେରା, କୁମାର ଗୌରବ ବେହେରା, ରାମକୃଷ୍ଣ ପ୍ରଧାନ, ଦେବବ୍ରତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ବିଭାଗର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ

ପଦ୍ମପୁର,୨୬।୩ (ପ୍ରଦୀପ୍ତ ଦାଶ): ପଦ୍ମପୁର ପୂର୍ତ୍ତ ବିଭାଗ ତରଫରୁ ସହରର ମୁଖ୍ୟ ରାସ୍ତାରେ ଚାଲି ଥିବା ରାସ୍ତା କାମ ସହିତ ଡ୍ରେନ କାମ ଅଧାପନ୍ତରିଆ ଅବସ୍ଥାରେ ପଡିଥିଲା, ଯାହାକି ଜନସାଧାରଣ ବିଶେଷ କରି ବରିଷ୍ଠ ନାଗରିକ ଶିଶୁ ମହିଳା ଦୁର୍ଘଟଣାର ଶିକାର ହେଉଥିଲେ। ଏ ସମ୍ପର୍କରେ ମାର୍ଚ୍ଚ ୨୩ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପୂର୍ତ୍ତ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରଙ୍କୁ ତୁରନ୍ତ କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଠିକାଦାର ବୁଧବାରଠାରୁ କାମ ଆରମ୍ଭ କରିଥିବା ସୂଚନା ମିଳିଛି।

## ଜଗନ୍ନାଥ ସଂସ୍କୃତି ଉପରେ ପାଠଚକ୍ର

ବରଗଡ଼,୨୬।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ବୁଧବାର ଜଗନ୍ନାଥ ସଂସ୍କୃତି ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ବବ୍ରୁବାହନ ମହାପାତ୍ର ମୁଖ୍ୟଅତିଥି ତଥା ବିଷୟ ବିଶେଷଜ୍ଞଭାବେ ଯୋଗଦାନ କରିଥିଲେ। ଛାତ୍ରୀ ଅଞ୍ଜଳି ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଷମା ପଣ୍ଡା ଶ୍ରୀ ଜଗନ୍ନାଥଙ୍କ ସ୍ତୋତ୍ର ପାଠ କରିଥିଲେ। ଅଧ୍ୟାପକ ଚେତନ ମିଶ୍ର, ଅଞ୍ଜଳି ଦାଶ, ବିଦ୍ୟୁତ୍‌ପ୍ରଭା ଷଡ଼ଙ୍ଗୀ, ଲୀନା ତାଣ୍ଡି ପ୍ରମୁଖ ଛାତ୍ରୀଛାତ୍ର ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ସୁଷମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ପାଠଚକ୍ରରେ ଜଣେ ଛାତ୍ରୀ ନିଜ ମତ ରଖୁଛନ୍ତି।

## ଅଖଣ୍ଡ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ସମାପନ

ପଦ୍ମପୁର, ୨୬।୩(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲା ଗ୍ରାମର ସୁଲୁକିପଡ଼ାରେ ଆୟୋଜିତ ଅଖଣ୍ଡ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ସମାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ଧବ ରଣା ସପତ୍ନୀକ ଯଜ୍ଞ କର୍ତ୍ତା ଭାବେ ଦାୟିତ୍ୱ ପାଳନ କରିଥିଲେ। ଦୟାପ୍ରଭୁ ସଂକୀର୍ତ୍ତନ ମଣ୍ଡଳୀ (ଭତ୍ରା)ର ଗାୟିକା ଇତିଶ୍ରୀ କର, ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀ (ପିପଲିପାଲି)ର ଗାୟିକା ଦେବକୀ ସାହୁ, ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ (ପଞ୍ଚଧାର)ର ଗାୟକ ତିଳକ ଦାଶ ଓ ଗୌରହରି କୀର୍ତ୍ତନ ମଣ୍ଡଳୀ (ଗଣ୍ଡିଆପାଲି)ର ଗାୟକ ବୀରେନ୍ଦ୍ର ଜୁଆଡ଼ି ନିଜ ନିଜ ଦଳ ସହ ଅଂଶଗ୍ରହଣ କରି ହରିନାମ ଗାନ କରିଥିଲେ। ରାତ୍ରିରେ ବୈଠକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ହରିନାମର ଧ୍ୱନିରେ ସରେଇକେଲା ଗ୍ରାମ ଆଧାତ୍ମିକ ଭାବନାରେ ଭରିଯାଇଥିଲା। ଯଜ୍ଞ ଆୟୋଜନ ପାଇଁ ପୂର୍ଣ୍ଣ ନେଗୀ, ଲୋକନାଥ ପ୍ରଧାନ, ଯୁଧିଷ୍ଠିର ବରିହା, ଘନଶ୍ୟାମ ବେହେରା, ସୁଲୁକିପଡ଼ା ଓ ସମସ୍ତ ଗ୍ରାମବାସୀ ଉତ୍ସାହପୂର୍ଣ୍ଣ ସହଯୋଗ କରିଥିଲେ। ନିରାକାର ପ୍ରଧାନ ବୈଠକୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନିରଞ୍ଜନ ପ୍ରଧାନ, ଆୟୁଷ୍ମାନ ବାରିକ, ରାଧେଶ୍ୟାମ ପ୍ରଧାନ, ମଣ୍ଡଳୀ ପରିଚାଳନା କରିଥିଲେ ।

## ଶ୍ରୀ ରାମନବମୀ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ପାଇକମାଲ,୨୬।୩(ବଡ଼ ଶତପଥୀ): ଆସନ୍ତା ୨୭ ତାରିଖରେ ପାଳିତ ହେବାକୁ ଥିବା ରାମନବମୀ ଅବସରରେ ପାଇକମାଲ ପୋଲିସ ପକ୍ଷରୁ ଗୁରୁବାର ଫ୍ଲାଗମାର୍ଚ୍ଚ କରାଯାଇଛି। ପାଇକମାଲ ଥାନା ଅଧିକାରୀ କୈଳାସ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଏହି ଫ୍ଲାଗମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ। ଏହି ଫ୍ଲାଗ୍ ମାର୍ଚ୍ଚଟି ପାଇକମାଲ ମୁଖ୍ୟ ଛକରୁ ଆରମ୍ଭ ହୋଇ କୋକନରା ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ପୋଲିସ ପକ୍ଷରୁ ଅଞ୍ଚଳବାସୀଙ୍କୁ ଶାନ୍ତି–ଶୃଙ୍ଖଳା ରକ୍ଷା କରିବା ସହିତ ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ସଚେତନ କରାଯାଇଥିଲା।

## ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଦାୟ ଉତ୍ସବରେ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷ, ଅଧ୍ୟାପକ।

ପଦ୍ମପୁର,୨୬।୩(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ପୁରାତନ ସମ୍ମିଳନୀ ପ୍ରକୋଷ୍ଠରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭାଗୀୟ ମୁଖ୍ୟ ଶର୍ମିଳା ପଣ୍ଡା ଚରିତ୍ର ଗଠନ ଓ ସଫଳତା ମଧ୍ୟରେ ଥିବା ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ ସିଦାର ସମୟାନୁବର୍ତ୍ତିତା, ଭୁବନେଶ୍ୱର ବରିହା ସକାରାତ୍ମକ ଜୀବନଶୈଳୀ ଏବଂ ବିପିନ ପାଇକ ନିଜର ଅଭିଜ୍ଞତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଛବିନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ ହୋଇଥିଲା।

## ସାଇ ମନ୍ଦିରରେ ଶ୍ରୀରାମ ନବମୀ

ବରପାଲି, ୨୬।୩(ଚିତ୍ତରଞ୍ଜନ ସାହୁ): ବରପାଲି ଶିରିଡ଼ି ସାଇ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଛି। ସକାଳ ୫ଟାରେ କାକଡ ଆରତୀ ପରେ ବାବାଙ୍କ ମହା ଅଭିଷେକ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ପରେ ମହିଳାମାନଙ୍କ କଳସ ଶୋଭାଯାତ୍ରା ପରେ ଦ୍ୱାରକମାୟୀଠାରେ ହୋମ ହୋଇଥିଲା। ହୋମ ବିଜେପୁରର ସଞ୍ଜୟ ପଣ୍ଡା ଓ ଧରିତ୍ରୀ ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ହେମନ୍ତ ମିଶ୍ର, ପଣ୍ଡିତ ପିଣ୍ଟୁ ପାଣିଗ୍ରାହୀ, ଉଦ୍ଧବ ଦେବତା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ସାଇ ମନ୍ଦିର ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାଙ୍କ ସହ ଭକ୍ତମାନେ ଯୋଗ ଦେଇଥିଲେ।

## ବିଗ୍ରହ ପ୍ରତିଷ୍ଠାରେ କଳସ ଯାତ୍ରା

ଗାଇସିଲେଟ,୨୫।୩(ଦୁର୍ଗାପ୍ରସାଦ ତ୍ରିବେଦୀ): ବରଗଡ଼ ଜିଲା ଗାଇସିଲେଟ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ବହଲତଳିଏନଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଯାତ୍ରା ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଦ୍ଧାର୍ଥ କୁମାର ପଣ୍ଡା ଓ ସାଥୀ ସହଯୋଗ କରିଥିଲେ, । ଗ୍ରାମର ଦେବୀ ପୂଜକ (ଝାକର) ରାଜ କିଶୋର ବରିହା, କର୍ତ୍ତା ରବୀନ୍ଦ୍ର ପଣ୍ଡାଙ୍କ ସହିତ ଶତାଧିକ ମହିଳା ଶ୍ରଦ୍ଧାଳୁମାନେ ସ୍ଥାନୀୟ ଯୋଷୀ ବନ୍ଧ ପୋଖରୀରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ଧରି କଳସଯାତ୍ରାରେ ସାମିଲ ହୋଇଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଚାଲିବ ।

## କୃତୀ ଛାତ୍ରୀଛାତ୍ରଙ୍କ ସଫଳତା ସମ୍ବର୍ଦ୍ଧନା ସମାରୋହ

ବରଗଡ଼,୨୬।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଇଆଇଟି ଜେଏଏମ ୨୦୨୬ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଙ୍ଗଳବାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନକୁଳ ସେଠ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡଃ ସୁଶାନ୍ତ କୁମାର ପଧାନ ଏବଂ ସହକାରୀ ଅଧ୍ୟାପକ ଶଶିଭୂଷଣ ସେଠଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଅଧ୍ୟାପିକା ଶୁଭଶ୍ରୀ ବାରିକ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃତି ଛାତ୍ରୀ ରେଶମା ଗର୍ତିଆ, ସୁଶ୍ରୀ ପାୟଲ ମେହେର, ଆକାଶ କୁମାର ହୋତା, ସାଇ କଲ୍ୟାଣ ଦାଶଙ୍କୁ ସମ୍ମାନିତ କରାଯାଇଥିଲା।



ଅଧ୍ୟକ୍ଷ, ଅଧ୍ୟାପିକାଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

## ଯକ୍ଷ୍ମା ନିରାକରଣରେ ସଚେତନତା ଲୋଡ଼ା

ବରଗଡ଼,୨୬।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ନର୍ସିଂ କଲେଜ ଏବଂ ବିକାଶ ଫାର୍ମାସୀ କଲେଜ ପକ୍ଷରୁ ମଙ୍ଗଳବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଛି। ଯକ୍ଷ୍ମାରୋଗର ନିରାକରଣ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚଳିତବର୍ଷ ଯକ୍ଷ୍ମା ଦିବସ ପାଳନର ବିଷୟବସ୍ତୁ ଯକ୍ଷ୍ମାକୁ ଦେଶମାନଙ୍କ ନେତୃତ୍ୱ ଏବଂ ଲୋକମାନଙ୍କ ଶକ୍ତିରେ ସମାପ୍ତ କରିବାକୁ ଆଧାର କରି ସଚେତନତାମୂଳକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଏସ୍‌ସି ନର୍ସିଂ ଚତୁର୍ଥ ସେମିଷ୍ଟାର ଏବଂ ଡି.ଫାର୍ମ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଏକ ସଚେତନତା ରାଲି କରିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ନାଟକ ମାଧ୍ୟମରେ ଯକ୍ଷ୍ମାରୋଗର କାରଣ, ନିରାକରଣ, ଲକ୍ଷଣ ଉପରେ ଉପସ୍ଥିତ ଜନତାଙ୍କୁ ସଚେତନ କରିଥିଲେ। ଜିଲା ସଂଯୋଜକ ଦେବବ୍ରତ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଶୋଭନ କର, ଯକ୍ଷ୍ମାରୋଗ ବିଶେଷଜ୍ଞ ଡା. ବିନୟ କୁମାର ବେହେରା, ପର୍ଯ୍ୟବେକ୍ଷିକା ନୟନୀ ବାଗ ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ଯକ୍ଷ୍ମା ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।



ବିକାଶ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ଯକ୍ଷ୍ମା ଦିବସ।

**ମେଗା ସ୍ୱାସ୍ଥ୍ୟ ଶିବିର**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ନିକଟସ୍ଥ ଖଲିଆପାଲିରେ କଟକ ଚିତ୍ତଜ୍ଞାନୀ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ଏହି ଶିବିରରେ ଭୁବନେଶ୍ୱର, କଟକ, ବୁର୍ଲା ଓ ସମ୍ବଲପୁର ବିଶେଷଜ୍ଞ ଚିକିତ୍ସକଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତି ଅନୁସରଣରେ ଇସିଜି, ଏକ୍ସରେ ଓ ବିଭିନ୍ନ ରକ୍ତ ପରୀକ୍ଷା କରାଯାଇ ରୋଗ ନିରୂପଣ ହେବା ସହିତ ଚିକିତ୍ସା କରାଯିବ। ବହୁସଂଖ୍ୟାରେ ଲୋକେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣା ଔଷଧ ବଣ୍ଟନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଆସ ଆମେ ସ୍କୁଲ ଯିବା ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ଟିଟିଲାଗଡ଼,୨୬।୩(ଶରତ ମିଶ୍ର)

ଆସନ୍ତା ୨ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ହେବାକୁ ଯାଉଛି ପାରମ୍ପାରିକ ନାମଲେଖା ଖଡ଼ିଛୁଆଁ ଉତ୍ସବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିଟିଲାଗଡ଼ ଆର୍ତ୍ତତ୍ରାଣ ରଥ ଏବଂ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ଖୋଲାନ ଓ ନାରେନ ଆଞ୍ଚଳିକ ସାଧନ କେନ୍ଦ୍ର ଅଞ୍ଚଳର ଅଭିଭାବକମାନଙ୍କ ଘରକୁ ଘର ଯାଇ ଶିଶୁ ଓ ପିତାମାତାଙ୍କୁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁର ନିମନ୍ତ୍ରଣ ପତ୍ର ଦେଇ ସଚେତନ କରାଇଲେ। ଆସନ୍ତା ୨ରୁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ନାମ ଲେଖାଇବା ପାଇଁ ବାର୍ତ୍ତା ଦେଲେ। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଖୋଲାନ, ନରେନ, ପରାସରା ବିଦ୍ୟାଳୟ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

### ଭାଟିପଡ଼ାରେ ନାମଯଜ୍ଞ ଉଦ୍‌ଯାପିତ

ଟିଟିଲାଗଡ଼,୨୬।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଭାଟିପଡାଠାରେ ଆଧ୍ୟାତ୍ମିକ ପରିବେଶରେ ଷୋହଳ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ବିନୟ ଖରସେଲ ଏବଂ ତାଙ୍କ ସ୍ତ୍ରୀ ବିନୋଦିନୀ ତଥା ପୂଜକ ମାନସ ପାଢ଼ୀ, ପିତାମ୍ବର ପାଢ଼ୀ, ଫକୀର ପାଢ଼ୀ ପୂଜାନୁଷ୍ଠାନ ସମ୍ପନ୍ନ କରିଥିଲେ। କମିଟି ସଭାପତି ପ୍ରଦୀପ ଖରସେଲ, ଉପସଭାପତି ବିଷ୍ଣ ଖରସେଲ, ସମ୍ପାଦକ ସତ୍ୟ ଖରସେଲ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ଖରସେଲ ସହାୟତା କରିଥିଲେ।

### ଯୁବ ଆଇନଜୀବୀଙ୍କ ବିୟୋଗ

କଣ୍ଟାବାଞ୍ଜି, ୨୬।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓକିଲ ସଂଘର ଯୁବ ଆଇନଜୀବୀ ବୃନ୍ଦାବନ ରାଉତ (୪୮)ଙ୍କ ବୁଧବାର ଅକାଳ ବିୟୋଗ ହୋଇଛି। ସ୍ୱର୍ଗତ ରାଉତଙ୍କ ହୃଦଘାତ ଯୋଗୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ।



ତାଙ୍କ ମୃତ ଶରୀରକୁ କଣ୍ଟାବାଞ୍ଜି ଆଶ୍ରମପଡା ସ୍ଥିତ ବାସଭବନକୁ ଆଣିଥିଲେ। ଆଶ୍ରମପଡା ନିକଟସ୍ଥ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁବେଳେ ତାଙ୍କ ଧର୍ମପତ୍ନୀ ୨ନାବାଳକ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସେ ସରକାରୀ ଓକିଲ ଭାବେ କଣ୍ଟାବାଞ୍ଜି ସିଭିଲ କୋର୍ଟରେ ନିଯୁକ୍ତ ହୋଇଥିଲେ।

### ଗୃହ ନିର୍ମାଣ ଫାଇନାଲ ବିଲ୍ ପାଇଁ ମୃତ ହିତାଧିକାରୀଙ୍କ ପରିବାର ହଟହଟା

ଲୋଇସିଂହା,୨୬।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଯୋଗୀସର୍ଡା ସଦର ଗ୍ରାମ (କରନପାଲି)ର ଭିନ୍ନକ୍ଷମ ନୀଳାଞ୍ଚଳ ନାଏକଙ୍କ ଘର। ୨୦୨୪–୨୫ ଆର୍ଥିକ ବର୍ଷରେ ନୀଳାଞ୍ଚଳଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲା। ଘର ନିର୍ମାଣାଧୀନ ଥିବାବେଳେ ସେହି ବର୍ଷ ଅଗଷ୍ଟରେ ତାଙ୍କ ଦେହାନ୍ତ ହୋଇଥିଲା। ପରିବାରବର୍ଗ ଦୁଃଖଦ ପରିସ୍ଥିତିରେ ମଧ୍ୟ ଗୃହକୁ ସମ୍ପୂର୍ଣ୍ଣ କରିଛନ୍ତି। ଫାଇନାଲ ବିଲ୍ ପାଇଁ ସମ୍ପୂର୍ଣ୍ଣ ଗୃହର ଫଟୋ ଓ ଉତ୍ତରାଧିକାରୀ ପ୍ରମାଣପତ୍ର ୨୦୨୫ ନଭେମ୍ବର ମାସରୁ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରାଯାଇଛି। ଇତିମଧ୍ୟରେ ୫ ମାସ ବିତି ଗଲାଣି। କିନ୍ତୁ ବିଲ୍ ପାଇଁ ବ୍ଲକ ପ୍ରଶାସନ ଟାଳଟୋଳନୀତି ଅବଲମ୍ବନ କରୁଛନ୍ତି। ବ୍ଲକକୁ ଅନେକ ଥର ଦୌଡି ତାଙ୍କ ବିଧବା ସ୍ତ୍ରୀ ଅଞ୍ଜନାଙ୍କୁ ନିରାଶ ହେବାକୁ ପଡିଥିବା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବିଡିଓ ଅକ୍ଷୟ ପାଣି ଉଦ୍ଧୃ କହନ୍ତି, ମୃତ ହିତାଧିକାରୀଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ମୁଖ୍ୟ। ତାହା ଯଦି ଦାଖଲ ହୋଇଛି, ତେବେ ବୁଝିକି ଶୀଘ୍ର ଫାଇନାଲ ବିଲ ଦିଆଯିବ ବୋଲି ସେ କହିଛନ୍ତି।

# ବାଲିଉଠାଣ: ପ୍ରକଳ୍ପରେ ପାନୀୟଜଳ ସଙ୍କଟ

ଲୋଇସିଂହା,୨୬।୩(ସୁଶାନ୍ତ ବାରିକ)



ସୁକତେଲ ନଦୀପଠା ପାନୀୟଜଳ ପ୍ରକଳ୍ପର ଗ୍ୟାଲେରି ଉପରୁ ବେଧଡକ ଭାବେ ବାଲି ଉଠାଣ ହେଉଛି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତରେ ପାଇପ ଜଳ ଯୋଗାଣରେ ବଧାପ୍ରାପ୍ତ ସୃଷ୍ଟି ହୋଇଛି। ପଞ୍ଚାୟତ ଅଧୀନ ଛେଲବାହାଲ ସୁକତେଲ ନଦୀ ପଠା ପାନୀୟଜଳ ପ୍ରକଳ୍ପର ଗ୍ୟାଲେରୀ ଉପରୁ ବେଧଡ ଭାବେ ବାଲି ଉଠାଣ ଯୋଗୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏନେଇ ପଞ୍ଚାୟତ ମାସିକ ବୈଠକରେ ପାରିତ ହୋଇ ବଲାଙ୍ଗୀର ଜିଲାପାଳ ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ ବାଲି ଉଠାଣ ବନ୍ଦ ହୋଇ ନ ଥିବାରୁ ଆଗକୁ ଜଳ ସଙ୍କଟ ଘନୀଭୂତ ହେବ ଓ ପିଇବା ପାଣିର ହାହାକାର ପରିସ୍ଥିତି ଦେଖାଦେବା ଅଭିଯୋଗ ହୋଇଛି।

ପ୍ରକାଶଯେ, ଯୋଗୀସର୍ଡା,ଗୁର୍ଜିଭଟା, କେଉଁଟିପାଲି, ଛଲବାହାଲ, ମାହାରପାଲି, କରନପାଲି ଆଦି ୬ଗ୍ରାମକୁ ନେଇ ଯୋଗୀସର୍ଡା ପଞ୍ଚାୟତ ଗଠିତ। ପଞ୍ଚାୟତ ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ପଞ୍ଚାୟତ ଅଧୀନ ଛେଲବାହାଲ ସୁକତେଲ ନଦୀ ପଠାରେ ୨ଟି ପାଣି ଟାଙ୍କି(ଇନଟେକ ୱେଲ) ବସିଛି। ୬ଟି ଗ୍ରାମର ୧୦ ହଜାର ଲୋକଙ୍କୁ ପ୍ରତ୍ୟେହ ଏଠାରୁ ପାନୀୟ ଜଳ ଯୋଗାଣ କରାଯାଉଛି। ହେଲେ ସୁକତେଲ ନଦୀ ପଠାର ଇନଟେକ ୱେଲ ବସିଥିବା ଗ୍ୟାଲେରୀ ଉପରୁ ନିୟମିତ ଭାବେ ମେସିନ ସାହାଯ୍ୟରେ ହାଇୱା ଯୋଗେ ବାଲି ଉଠାଣ କରି ଜିଲା ତଥା ଜିଲା ବାହାରକୁ ଚାଲାଣ ହେଉଛି। ଏହି ସ୍ଥାନରୁ ବାଲି ଉଠାଣ ଯୋଗୁ ଜଳସ୍ରୋତ ବନ୍ଦ ହୋଇଯାଉଛି। ପଞ୍ଚାୟତବାସୀଙ୍କ ପ୍ରକଳ୍ପରୁ ଜଳଯୋଗାଣରେ ଅନିୟମିତା ଦେଖାଦେଉଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାବେଳେ ପାନୀୟଜଳର ଚାହିଦା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ ପ୍ରକଳ୍ପରେ ଜଳ ସଙ୍କଟ ଦେଖା ଦେଇଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ପଞ୍ଚାୟତ ପକ୍ଷରୁ ଉପରୋକ୍ତ

**ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପଦକ୍ଷେପ ଶୂନ**

ସମସ୍ୟା ନେଇ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଛେଲବାହାଲ ପାନୀୟଜଳ ପ୍ରକଳ୍ପ ନଦୀ ଶଯ୍ୟାରୁ ବାଲି ଉଠାଣରେ ରୋକ ଲଗା ନ ଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡା ଦୈନିକ ବହୁମାତ୍ରାରେ ହାଇୱା ଚଳାଚଳ ଯୋଗୁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ହୋଇଛି। ସରପଞ୍ଚ ବିଜୁଳି ପଧାନ କହନ୍ତି, ପିଇବା ପାଣି ସଙ୍କଟ ଗାଁ ଗାଁରେ ଦେଖାଦେଇଛି। ଏହାର ସମାଧାନ ପାଇଁ ଗତ ଫେବୃଆରୀ ମାସର ମାସିକ ବୈଠକରେ ସଭ୍ୟମାନେ ଅଭିଯୋଗ ଅସନ୍ତୋଷ ଜାହିର କରିଥିଲେ। ଉକ୍ତ ବୈଠକରେ ଏକ ପ୍ରସ୍ତାବ ପାରିତ କରି ଜିଲା ପ୍ରଶାସନକୁ ଦିଆଯାଇଛି। ହେଲେ ପଦକ୍ଷେପ ନିଆଯାଇ ନ ଥିବାରୁ ସମସ୍ୟା ବଢିଚାଲିଥିବା ସେ କହିଥିଲେ।

# ଦେଓଗାଁରେ ଶ୍ରୀରାମ ନବମୀ ଉତ୍ସବ



ଶିଶୁ କଳାକାରମାନେ ସୀତା ବିବାହ ନାଟ୍ୟାଭିନୟ କରୁଛନ୍ତି।

ଦେଓଗାଁ,୨୬।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ଗୁରୁବାର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମାନେ ଶ୍ରୀରାମଚନ୍ଦ୍ର, ସୀତାମାତା, ଲକ୍ଷ୍ମଣ, ଭରତ, ଶତୃଘ୍ନ, ହନୁମାନ, ଜନକ ଋଷି ଆଦି ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଏକ ଶୋଭାଯାତ୍ରାରେ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରିଥିଲେ। ଏ ଅବସରରେ କଛାରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶିଶୁ କଳାକାରମାନଙ୍କ ଦ୍ୱାରା ସୀତା ବିବାହ ନାଟ୍ୟାଭିନୟ ବେଶ ମନମୁଗ୍ଧକର ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସା, ଆଚାର୍ଯ୍ୟ ଭବାନୀ ଶଙ୍କର ପୁରୋହିତ, କୁନୁ ସାହୁଙ୍କ ସମେତ ସମସ୍ତ ଆଚାର୍ଯ୍ୟ ସହଯୋଗ କରିଥିଲେ। ସେହିପରି କେଶରୀଆ ହିନ୍ଦୁବାହିନୀ ପକ୍ଷରୁ ସନ୍ତୋଷ ଭୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜୟଶ୍ରୀରାମ ନାରା ଦେଇ ଗାଁ ପରିକ୍ରମା କରିବା ସହ ବିଭିନ୍ନ ଦେବାଦେବୀ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଗୋ–ମାତାଙ୍କ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଏଥିସହ ଅନେକ ଗାଁରେ ନାମଯଜ୍ଞ ଅନୁଷ୍ଠିତ ହେଉଥିବା ଜଣାପଡିଛି।

# ଦିଲ୍ଲୀ ଦରବାରରେ ବଢ଼ାଉଛନ୍ତି ଓଡ଼ିଶାର ଗୌରବ




ନକୁଳ ପଟ୍ଟନାୟକ ଓ ସୋମନାଥ ସାହୁଙ୍କୁ ପବ୍ଲିକ୍ ରିଭ୍ୟୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର,୨୬।୩(ବୀରେନ୍ଦ୍ର କୁମାର ଝାଙ୍କର)

**ଶିଳ୍ପୋଦ୍ୟୋଗୀ ନକୁଳ, ସୋମନାଥଙ୍କୁ ସମ୍ବର୍ଦ୍ଧନା**

ଓଡ଼ିଆ ସମାଜ ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ 'ଓଡିଶା ପର୍ବ'ରେ ବଲାଙ୍ଗୀରର ଚର୍ଚ୍ଚିତ ଭୁଜା–ମିକଶ୍ଚର ବିକ୍ରେତା ନକୁଳ ପଟ୍ଟନାୟକ ଏବଂ ଚର୍ଚ୍ଚିତ ଚା' ଦୋକାନୀ ସୋମନାଥ ସାହୁ କିଛି ବର୍ଷ ହେଲା କ୍ରମାଗତ ଆମନ୍ତ୍ରିତ ହୋଇ ଓଡ଼ିଶାର ଗୌରବ ବଢ଼ାଉଛନ୍ତି। ପୂର୍ବରୁ ଓଡ଼ିଶା ପର୍ବରେ ତାଙ୍କ ଭୁଜା ଏବଂ ଚା' ଷ୍ଟଲକୁ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଅନେକ ସେଲିବ୍ରିଟି ଆସିବା ପରେ ଏହି ଦୁଇ ଉଦ୍ୟୋଗୀ ଚର୍ଚ୍ଚାରେ ରହିଥିଲେ। ଚଳିତବର୍ଷ 'ଓଡିଶା ପର୍ବ'ରୁ ଫେରିବା ପରେ ଦୁଇ ଉଦ୍ୟୋଗୀ ନକୁଳ ଓ ସୋମନାଥଙ୍କୁ ଗୁରୁବାର ସ୍ଥାନୀୟ ଡେଲିମାର୍କେଟଠାରେ ପବ୍ଲିକ୍ ରିଭ୍ୟୁ କମିଟି ପକ୍ଷରୁ ଉପାୟନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଆଡଭୋକେଟ୍ ଭବାନୀ ଶଙ୍କର ଶତପଥି ଅତିଥି ଭାବେ ଯୋଗଦେଇ ୨ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବ୍ୟାଡ଼ମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରି, ଏପିପି ଅଶୋକ ରାଉତ, ସରୋଜ ଗୁପ୍ତା, ସନ୍ଦୀପ କୁମାର କୁଅଁର, ବୀରେନ୍ଦ୍ର କୁମାର ଝାଙ୍କର, ଚିତ୍ତରଞ୍ଜନ ମିଶ୍ର, ସୁନୀଲ ମହାନ୍ତି, ବିଭୁକଲ୍ୟାଣ ଗଡତ୍ୟା, ଅନନ୍ତ ବେହେରା, ମାନସ ମହାନ୍ତି, ରଘୁନନ୍ଦନ ସିଂ, ସତ୍ୟ ବନଛୋର ଓ ଶିକ୍ଷାବିତ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ନଳକୂପ ଖୋଳିବାକୁ ପ୍ରତିଶ୍ରୁତି

**ଧରିତ୍ରୀ ପ୍ରଭାବ**

ଲାଠୋର,୨୬।୩ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଲାଗି ରହିଥିଲା। ୧୨୦ ଛାତ୍ରୀଛାତ୍ର ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଥିଲେ। ବିଦ୍ୟାଳୟ ପକ୍ଷରୁ ଖପ୍ରାଖୋଲ ବିଡ଼ିଓଙ୍କୁ ଏକ ନୂଆ ନଳକୂପ ଖୋଳିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଧରିତ୍ରୀରେ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଶିକ୍ଷକ ଗଜମଣି ବାଗ ସମସ୍ୟାର ସମାଧାନ ପାଇଁ ଏକ୍ସ ଯୋଗେ ବଲାଙ୍ଗୀର ଜିଲାପାଳ, ପାଟଣାଗଡ଼ ଉପଜିଲାପାଳ, ଖପ୍ରାଖୋଲ ବିଡିଓ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗଙ୍କୁ ଅନୁରୋଧ କରିଥିଲେ। ସଙ୍ଗେ ସଙ୍ଗେ ବିଭାଗୀୟ କର୍ମଚାରୀ ବିଦ୍ୟାଳୟକୁ ଯାଇ ପାନୀୟ ଜଳ ସ୍ୱାଭାବିକ କରିବା ସହ ଆଗାମୀ ୨/୩ ଦିନ ମଧ୍ୟରେ ଏକ ନୂତନ ନଳକୂପ ଖୋଳିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ରାବଣ ଦିଗ୍‌ବିଜୟରୁ ରାମଲୀଳା ନାଟକ ଆରମ୍ଭ

ଲୋଇସିଂହା,୨୬।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ରାମଜୀ ଯୁବକ ସଂଘ ପକ୍ଷରୁ ରାମନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ରାମଲୀଳା ନାଟକ ବୁଧବାର ରାତିରୁ ଆରମ୍ଭ ହୋଇଯାଇଛି। ବୁଧବାର ପ୍ରଥମ ରଜନୀରେ ଅନୁଷ୍ଠାନର କଳାକାରଙ୍କୁ ନେଇ ରାବଣର ଦିଗବିଜୟ ନାଟକ ପରିବେଷଣ କରାଯାଇଥିଲା। ଶୁକ୍ରବାର ରାମନବମୀ। କିନ୍ତୁ ନଅଗାଁ(ଖ) ରାମଜୀ ଅନୁଷ୍ଠାନ ପକ୍ଷରୁ ଭିନ୍ନ ପରମ୍ପରା ଦେଇ ରାମଲୀଳା ନାଟକ ଦୀର୍ଘ ବର୍ଷରୁ ପାଳନ କରାଯାଇ ଆସୁଛି। ଏହି କ୍ରମରେ ରାମନବମୀର ଅବ୍ୟବହିତ ୨ଦିନ ପୂର୍ବରୁ ବୁଧବାର ଅନୁଷ୍ଠାନର କଳାକାର ଓ ଗ୍ରାମବାସୀଙ୍କ ତରଫରୁ କଳସ ଶୋଭାଯାତ୍ରା କରାଯାଇଥିଲା। ଗାଁ ପୋଖରୀରୁ ପୂର୍ଣ୍ଣ କଳସ ଆଣି ରାମଲୀଳା ନାଟକ ମଞ୍ଚରେ ସ୍ଥାପନ କରାଯାଇଥିଲା। ଏଠାରେ ପୂଜକ ରାମସେବକ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ବିଶ୍ୱଜିତ ବିଶ୍ୱାଳ ତାଙ୍କ ସ୍ତ୍ରୀ ମିତା ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ରାମଜୀ ଯୁବକ ସଂଘ ସଭାପତି ନରସିଂ ସାହୁ, ସମ୍ପାଦକ ସଦାନନ୍ଦ ପଶାୟତଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ଓ ରାମଲୀଳା ନାଟକ ଅନୁଷ୍ଠିତ ହେଉଛି। ଗୁରୁବାର ଦ୍ୱିତୀୟ ରଜନୀରେ ସିନ୍ଧୁ ବଦ୍ଧ ଓ ଶୁକ୍ରବାର ରାମନବମୀରେ ରାମଜନ୍ମ ନାଟକ ପରିବେଷଣ ହେବ। ପ୍ରାୟ ୫୦ ଜଣ କଳାକାର ନିଷ୍ଠା ଓ କାଷ୍ଟ ସହ ରହି ରାମଲୀଳା ନାଟକରେ ଅଭିନୟ କରୁଛନ୍ତି।

# ରେଳ ଭୂତଳ ପୋଲ ନିର୍ମାଣ ନିମ୍ନମାନର ଅଭିଯୋଗ

ଲାଠୋର,୨୬।୩(ଭୁବନେଶ୍ୱର ବାରିକ)



ବିନା ମେଟାଲିଂରେ ଗାର୍ଡୱାଲ ନିର୍ମାଣ ହେଉଛି।

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳଷ୍ଟେଶନ ନିକଟ ଝଲିଆଲିଟି ରେଳ ଫାଟକଠାରେ ରେଳ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ଭୂତଳ ପୋଲ ନିର୍ମାଣରେ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ହେଉଛି। ସୂଚନା ଅନୁସାରେ ଫାଟକ ପଡ଼ିଥିବା ବେଳେ ଲୋକ ଯିବା ଆସିବା ପାଇଁ ଫାଟକଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଭୂତଳ ପୋଲ ନିର୍ମାଣ କାମ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଚାଲିଛି। କାମଟିକୁ କୌଣସି ଏକ ଠିକାଦାର କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ତଦାରଖ କରୁଛନ୍ତି। ହେଲେ ଠିକାଦାର ଜଣକ କାମ ନିମ୍ନମାନର କରୁଥିବା ସ୍ଥାନୀୟ ଲୋକ ଦେଖିଲା ପରେ ଅଭିଯୋଗ କରିଛନ୍ତି। ବର୍ଷା ଦିନ ବର୍ଷା ପାଣି ପୋଲ ଭିତରକୁ ଯେପରି ନ ପଶେ ସେଥିପାଇଁ ପୋଲ ବାହାରେ ଗାର୍ଡୱାଲ ନିର୍ମାଣ ପୂର୍ବରୁ ପ୍ରଥମେ ମେଟାଲିଂ କରି ଲୁହାରଡ଼ ବାଇଣ୍ଡିଂ କରିବା କଥା। ହେଲେ ବିନା ମେଟାଲିଂରେ ଗାର୍ଡୱାଲ ନିର୍ମାଣ ପାଇଁ ରଡ଼ ବାଇଣ୍ଡିଂ ଚାଲିଛି। ପୁଣି ସେହି ରଡ଼ ବାଇଣ୍ଡିଂରେ ଲିଙ୍ଗ ରଡ଼ ମଧ ବନ୍ଧା ଯାଉ ନାହିଁ। ସେହିପରି କଂକ୍ରିଟ କାମରେ ସିମେଣ୍ଟ ପରିମାଣ କମ କରି ଅଧିକା ବାଲି ଏବଂ ଡଷ୍ଟ ମିଶା ମେଟାଲ୍ସ ଓ ଚିପ୍ସ ବ୍ୟବହାର କରା ଯାଉଛି। ଫଳରେ କାମର ସ୍ଥାୟିତ୍ୱକୁ ନେଇ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହେଉଛି। ଏନେଇ କାମ ତଦାରଖ କରୁଥିବା କଣ୍ଟାବାଞ୍ଜି ଆଇଓଡବ୍ଲ୍ୟୁ ମାନସରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କାମ ଭଲ ହେଉଛି ବୋଲି କହିଥିଲେ। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତା

ବଲାଙ୍ଗୀର,୨୬।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଆଦର୍ଶପଡାସ୍ଥିତ ନାଦନିକୁଞ୍ଜ ଶିକ୍ଷା ଅନୁଷ୍ଠାନ ପରିସରରେ ଗୁରୁବାର ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ଆୟୁଷ୍ମାନ ମିଶ୍ର ପ୍ରଥମ, ଲିଟିଲ ଫ୍ଲାୱାର ସ୍କୁଲର ଅନ୍ୱେଷା ବାଗ ଦ୍ୱିତୀୟ ଏବଂ ଲିଟିଲ ଫ୍ଲାୱାର ସ୍କୁଲର ଦୀପ୍ତିମୟୀ ଯାଦବ ଓ ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲର ଜୟନନ୍ଦିନୀ ପୂଜାରୀ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାମାନଙ୍କୁ ଆସନ୍ତା ଏପ୍ରିଲ ୧ରେ ଆୟୋଜନ ହେବାକୁ ଥିବା ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଶସ୍ତିପତ୍ର ଓ ପୁରସ୍କାର ପ୍ରଦାନ କରାଯିବ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ




ହୀରକ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜି,୨୬।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଧାମନଡଙ୍ଗା ଗ୍ରାମପଞ୍ଚାୟତ ସଦର ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ ତଥା ହୀରକ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଜୟନ୍ତୀ ପାଳନ ଅବସରରେ ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପୁଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଧାମନଡଙ୍ଗା ସରପଞ୍ଚ ଆରତୀ ସୁନା, ଅବସରପ୍ରାପ୍ତ ବିଡିସିସି ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମାଝୀ, ସିଆରସିସି ମାକରଚୁଆଁ ଗଜୟ ଦାସ, ପ୍ରଧାନ ଶିକ୍ଷକ କୁଳମଣି ସାହୁ, ସିଆରସିସି ଧନସିଂ ମାଝୀ, ୱାର୍ଡ଼ ସଭ୍ୟ ଖମେ ରଣା, ଅଙ୍ଗନୱାଡି କର୍ମୀ ଗୋଲାପି ପନିକା, ସାମାଜିକ କର୍ମୀ ତ୍ରିଲୋଚନ ରଣା ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ତାଣ୍ଡିଙ୍କ ଅଧ୍ୟକ୍ଷତାରେ ହୀରକ ଜୟନ୍ତୀ ପାଳନର ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷକ ବିମଳ କୁମାର ହାତୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ତରୁଣକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ସଭାପରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି,ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଖଲିଆପାଲି ଗାଁରେ ଗୋଟିଏ ପରିବାରକୁ ବାସନ୍ଦ ଅଭିଯୋଗ

ଦେଓଗାଁ,୨୬।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତର ଖଲିପାଲି ଗାଁରେ ଗୋଟିଏ ପରିବାରକୁ ଗାଁଲୋକ ସମସ୍ତ ପ୍ରକାର ସାମାଜିକ ବାସନ୍ଦ କରିଥିବା ନେଇ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରାୟ ବର୍ଷେ ତଳେ ଉକ୍ତ ଗାଁର ଗୋଟିଏ ପରିବାରର ନାବାଳିକା (୧୬) କୁଆଡେ ନିଖୋଜ ହୋଇଥିଲେ। ପରିବାର ଲୋକେ ଅଭିଯୋଗ କଲାପରେ ପୋଲିସ ଏକ ଟିମ୍ ଗଠନକରି ସମ୍ପୃକ୍ତ ନାବାଳିକାକୁ ତାମିଲନାଡୁ ତୀରପୁରରୁ ଉଦ୍ଧାର କରିଆଣି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଉକ୍ତ ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୋଗରେ ଉକ୍ତ ଗାଁର ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମ୍ପୃକ୍ତ ଯୁବକ ଏବେ ଜେଲ୍‌ରେ ରହିଥିବା ଜଣାପଡିଛି। ତେବେ ଉକ୍ତ ଘଟଣାକୁ କେନ୍ଦ୍ରକରି ଗାଁରେ ଗତ ମାସେ ତଳେ ବୈଠକ ବସି ସମ୍ପୃକ୍ତ ପରିବାର ଲୋକଙ୍କୁ ଗାଁରୁ କୌଣସି ସହଯୋଗ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଫଳରେ ଆଜକୁ ମାସେକାଳ ହେଲା ଦୋକାନ ସାମଗ୍ରୀ ଦେଉ ନ ଥିବା ଓ କେହି କଥାମଧ ହେଉ ନ ଥିବା ସମ୍ପୃକ୍ତ ପରିବାର ଲୋକ ପୋଲିସକୁ ଲିଖିତ ଭାବେ ଅବଗତ କରିଥିବା କହିଛନ୍ତି। ଏନେଇ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଆଗରୁ ଗାଁ ଲୋକଙ୍କ ସହ ବୁଝାମଣା ହୋଇଥିଲା, ଉକ୍ତ ପରିବାରକୁ କେହି ବାସନ୍ଦ କରୁ ନ ଥିଲେ। ଏବେ ଯଦି ସେଭଳି ହୋଇଛି ତା'ହେଲେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ଆଜିଠାରୁ ରାମଜୀ ନାଟକ ସଂସଦର ରାମଲୀଳା ମହୋତ୍ସବ

ବଲାଙ୍ଗୀର,୨୬।୩(ବୀରେନ୍ଦ୍ର କୁମାର ଝାଙ୍କର)



ରାମଲୀଳା ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟ ଓ କଳାକାର।

ରାମଜୀ ନାଟକ ସଂସଦର ପ୍ରସିଦ୍ଧ ରାମଲୀଳା ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହେବ। ଏଥିସକାଶେ ବଲାଙ୍ଗୀର ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ରାମଜୀ ନାଟକ ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ସଂସଦର ସାଧାରଣ ସମ୍ପାଦକ ରାମଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ନାଟ୍ୟଗୁରୁ ବାଳମୁକୁନ୍ଦ ବେହେରା, ରବି ନାରାୟଣ ନାଏକ, ଉପସଭାପତି ଚତୁର୍ଭୁଜ ରାଉତ, କୋଷାଧ୍ୟକ୍ଷ ପ୍ରହଲ୍ଲାଦ ଦର୍ଜୀ, ଡା. ରୁଦ୍ରନାରାୟଣ ପଟେଲ ଓ ଚତୁର୍ଭୁଜ ପଟେଲ ମଞ୍ଚାସୀନ ଥିଲେ। ବଲାଙ୍ଗୀରର ସର୍ବପୁରାତନ ରାମଲୀଳାକୁ ଚଳିତବର୍ଷରୁ ରାମଲୀଳା ମହୋତ୍ସବ ନାମିତ କରାଯାଇଥିବା ସୂଚନା ଦିଆଯାଇଥିଲା। ସ୍ଥାନୀୟ ଯୁବପିଢି, ଯୁବ କଳାକାର ଓ ପୁରାତନ କଳାକାରଙ୍କୁ ନେଇ ମହୋତ୍ସବ ଆୟୋଜିତ ହେବ। ସ୍ଥାନୀୟ ଜଗନ୍ନାଥପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ୨୭ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ରାମଲୀଳା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ପ୍ରତିଦିନ ବୈଶ୍ୟ ସଦାଶିବ ରଚିତ ବିଭିନ୍ନ ଅଧ୍ୟାୟରେ ନାଟକ ପରିବେଷଣ ହେବ। ପ୍ରାୟ ୧୫୦ ବର୍ଷ ତଳର ପାଟଣା ଷ୍ଟେଟ୍ ସମୟରେ ଆୟୋଜିତ ରାମଲୀଳାରେ ବ୍ୟବହୃତ କାଠ ମୁଖା ଏବଂ ଛଉ ନୃତ୍ୟ ଏବେବି ଆକର୍ଷଣ ହୋଇ ରହିଛି। ଶୁକ୍ରବାର ସନ୍ଧ୍ୟାରେ ରାମଜୀପଡା ସ୍ଥିତ ରାମଜୀ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ରାମଲୀଳା ମହୋତ୍ସବ ଆରମ୍ଭ ହେବ ବୋଲି କୁହାଯାଇଛି। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ କଳାକାର ସାମିଲ ହେବେ ବୋଲି ସୂଚନା ଦିଆଯାଇଥିଲା। ଶେଷରେ ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

**ଅଭିଯୋଗ ପରେ ମରାମତି ହେଲା ନଳକୂପ**

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ପଞ୍ଚାୟତର ଭଣ୍ଡାରପଡ଼ା ଓ ବାରତେଙ୍ଗରା ସ୍କୁଲ ପଡ଼ାରେ ଥିବା ନଳକୂପ କିଛିଦିନ ହେଲା ଅଚଳ ଅବସ୍ଥାରେ ଥିଲା । ଏ ନେଇ ଗ୍ରାମବାସୀ ଅଭିଯୋଗ କରିବା ପରେ ନଳକୂଅ ମରାମତି କରାଯାଇଛି । ପୂର୍ବତନ ନାଏବ ସରପଞ୍ଚ କେଶବ କର୍ସେଲଙ୍କ ନେତୃତ୍ୱରେ ଗ୍ରାମବାସୀ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିବା ପରେ ଉଭୟ ଗ୍ରାମର ନଳକୂପ ମରାମତି ହୋଇଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ଛିଡ଼ା ହୋଇଥିବା ଟ୍ରେଲରକୁ ଧକ୍କାଦେଇ ବାଇକ୍ ଆରୋହୀ ମୃତ

**କୁଆଁରମୁଣ୍ଡା, ୨୬।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ବେଆଇନ ପାର୍କିଂ କରିଥିବା ଏକ ଟ୍ରେଲର ପଛରେ ଦ୍ରୁତ ଗତିରେ ଏକ ବାଇକ ପିଟି ହୋଇଯିବାରୁ ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରତାଖଣ୍ଡି ଗ୍ରାମର ଅଜିତ ବାର୍ଲା(୩୬) । ଖବର ପାଇ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଏକ ଦୁର୍ଘଟଣା ମାମଲା(ନଂ.୧୩୪/୨୬) ରୁଜୁ ହୋଇଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରି ଫାଣ୍ଡିରେ ରଖିବା ସହ ଟ୍ରେଲର ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି ।

### ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

**ବଡ଼ଗାଁ, ୨୬।୩(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଝଣ୍ଟେଲବୁଡ ଗ୍ରାମ ନିକଟ ରାସ୍ତାରେ ବୋଲେରୋ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝଣ୍ଟେଲବୁଡ ଗ୍ରାମର ଓକିଲ କୁମାର ଆଇନ୍ଦ (୪୫) । ଦୁର୍ଘଟଣା ଘଟାଇଥିବା ବୋଲେରୋ କିଛି ଦୂରରେ ଅନ୍ୟ ଜଣେ ବାଇକ ଚାଳକ ସାହାଜବାହାଲ ଗ୍ରାମର ନିତେଶ କୁମାର ଦାସଙ୍କୁ ଧକ୍କା ଦେଇଥିଲା । ନିତେଶ ଗୁରୁତର ଆହତ ହୋଇଛନ୍ତି । ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇଛି । ତାଙ୍କୁ ରାଉରକେଲା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବଡ଼ଗାଁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ବୁଧବାର ରାତି ସାଢ଼େ ୯ଟା ସମୟରେ ଝଣ୍ଟେଲବୁଡ ଗ୍ରାମର ଓକିଲ କୁମାର ନିଜ ବାଇକରେ ସାହାଜବାହାଲ ଯାଉଥିବାବେଳେ ସମ୍ମୁଖ ପଟୁ ଆସୁଥିବା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।

### ରାମନବମୀ ପାଇଁ ବନ୍ଧମୁଣ୍ଡାରେ ବାହାରିଲା କଳସଯାତ୍ରା

**ବନ୍ଧମୁଣ୍ଡା, ୨୬।୩(ସୁବ୍ରତ ଦେ):** ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ହନୁମାନ ମନ୍ଦିରରେ ରାମନବମୀ ଅବସରରେ ବାବା ବଜରଙ୍ଗଦଳ ଅଖାଡ଼ା କମିଟିଙ୍କ ପକ୍ଷରୁ ଗୁରୁବାର ସକାଳେ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏହି କଳସ ଯାତ୍ରାରେ ବହୁ ସଂଖ୍ୟକ ମହିଳା, ପୁରୁଷ ଓ ଶିଶୁମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କଳସ ଯାତ୍ରା ହନୁମାନ ମନ୍ଦିରରୁ ବାହାରି ସି-ସେକ୍ଟର ରେଳବାଇ କଲୋନି ଦେଇ ଡୁମରତା ମାହାତୋ ଟୋଳୀସ୍ଥିତ ପୋଖରୀ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମନ୍ଦିରର ପୂଜାରୀ ଶ୍ରୀରାମ ତିୱାରୀ ବୈଦିକ ମନ୍ତ୍ରୋଚ୍ଚାରଣ ସହିତ ବିଧିବିଧାନ ଅନୁସାରେ ପୂଜା-ଅର୍ଚ୍ଚନା କରିଥିଲେ । ପରେ ମହିଳାମାନେ କଳସରେ ପାଣି ଭରି ପୁନଃ ମନ୍ଦିରକୁ ଫେରି ବଜରଙ୍ଗବାଲୀଙ୍କ ସମ୍ମୁଖରେ କଳସ ସ୍ଥାପନ କରିଥିଲେ । ଏହି ଅବସରରେ କମିଟିର ସଣ୍ଟୁ ସିଂହ, ଆଦିତ୍ୟ ମଣ୍ଡଳ, ସନ୍ତୋଷ ଗୁପ୍ତା, ଆକାଶ ମାଳାକାର, ଦୀପକ ପ୍ରମାଣିକ, ଅଜୁ ମହାପାତ୍ର, ରିତେଶ ପ୍ରସାଦ, ସନୀ ସିଂହ, ରୋଶନ ମାଳାକାର, ଜୟ ଗୁପ୍ତା, ବିଙ୍କି ପ୍ରସାଦ, ଜିତେନ୍ଦ୍ର ସାହୁ ସହିତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ ।

# ଖଣି ପାଇଁ ଗଛ ବଳି

## ହାଇ ପ୍ରିମିୟମ ଖଣି ଖନନ ପାଇଁ ଶ୍ରୀହୀନ ହେବ କୋଇଡ଼ା

**ଟେନ୍‌ସା, ୨୬।୩(ସମୀର କୁମାର ପାଢ଼ୀ)**



ମାଟି ଖୋଳି ଲୁହାପଥର ବାହାର କରି ରାତାରାତି କୋଟିପତି ହେବା ଲୋଭରେ ବଡ଼ ବଡ଼ କମ୍ପାନୀମାନେ କୋଇଡା ଅଞ୍ଚଳରେ ହାଇ ପ୍ରିମିୟମ ଦେଇ ସରକାରଙ୍କଠାରୁ ଖଣି ନେଇଛନ୍ତି । ଖଣି ଖୋଳିବା ବାହାନାରେ ଖଣି ମାଲିକମାନେ କୋଇଡା ଅଞ୍ଚଳରୁ ଲକ୍ଷ ଲକ୍ଷ ଗଛ କାଟି ସଫା କରୁଛନ୍ତି । ଖଣିରେ ଗୋଟିଏ ଗଛ କାଟିଲେ ଦୁଇଟି ଗଛ ଲଗାଇବାର ପରିବେଶ ମନ୍ତ୍ରଣାଳୟର ନିୟମ ରହିଥିଲେ ମଧ୍ୟ କେହି ମାନୁ ନାହାନ୍ତି, ଯାହାଫଳରେ କୋଇଡା ଏବେ ଶ୍ରୀହୀନ ହେବାରେ ଲାଗିଛି । ଏଥିପ୍ରତି କାହାର ନଜର ନାହିଁ । ଏହା ସହିତ ହାଇ ଗ୍ରେଡ୍ ଲୁହାପଥର ଉତ୍ତୋଳନ କରି ଲୋ ଗ୍ରେଡ୍ କହି ଲୁହାପଥର ପରିବହନ ମଧ୍ୟ କରୁଛନ୍ତି । ଅନ୍ୟ ପକ୍ଷରେ ହାଇ ପ୍ରିମିୟମରେ ଖଣି ନେଇ ଖଣି କମ୍ପାନୀ ନିଜ ମୁନାଫା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଜୀବିକା ଉପରେ କଟକଣା କଲେ । ସ୍ଥାନୀୟ ଜନସାଧାରଣମାନଙ୍କୁ ଅଣଦେଖା କରି ବାହାର ଏପରି କି ଓଡ଼ିଶା ବାହାରର ରେଜିଂ କଣ୍ଟ୍ରାକ୍ଟର, ଟ୍ରାନ୍ସପୋର୍ଟର, ବଡ଼ ବଡ଼ ଅଫିସର, ଖଣି ଅଧିକାରୀ, ଏପରି କି ବାହାର ଶ୍ରମିକଙ୍କୁ ଖଣିରେ ନିଯୁକ୍ତି କଲେ । ସ୍ଥାନୀୟ ଲୋକେ ଯେତେବେଳେ ବିରୋଧର ସ୍ୱର ଉଠାଇବା ଆରମ୍ଭ କଲେ ତାଙ୍କୁ ପ୍ରଶାସନ ଓ ପୋଲିସର ଭୟ ଦେଖାଇ ଅଞ୍ଚଳର ଲୋକଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି କଲେ । ନେତା ହୋଇ ଯିଏ ଆଗକୁ ଆସିଲା ତାକୁ ଖଣିରେ କାମ ଦେବୁ କହି ଚୁପ କରିଦେଲେ । ଯଦି କିଏ ସ୍ଥାନୀୟ ଅଞ୍ଚଳର ଲୋକ କଣ୍ଟ୍ରାକ୍ଟର କି, ଖଣିରେ ଟ୍ରାନ୍ସପୋର୍ଟିଂ କରେ ଦେବେ ସେମାନଙ୍କୁ ମାସ ମାସ ଧରି ବିଲ୍ ପେମେଣ୍ଟ ଦେଉ ନାହାନ୍ତି । ବାଧ୍ୟ ହୋଇ ସେମାନେ କାମ ଛାଡିଦେଉଛନ୍ତି । ବିଲ୍ ପାଇବା ପାଇଁ ଖଣି ମାଲିକମାନଙ୍କ ପାଖକୁ ଦୌଡ଼ି ଦୌଡ଼ି ହତାଶ ହେଉଛନ୍ତି । ଶେଷରେ ପଇସା ପାଇବା ପାଇଁ ଚୁପ ହୋଇ ରହିଲେ । ପରିସ୍ଥିତି ଏପରି ଯେ ସାମାନ୍ୟ ଛୋଟ କାମ ପାଇଁ ଲୋକେ ବିକଳରେ ତାଙ୍କ ନିକଟରେ ହାତ ପତାଇ ଭିକ ମାଗୁଛନ୍ତି । ଏହିପରି ଦୁଃଖ ଆଜି କୋଇଡା ଅଞ୍ଚଳବାସୀଙ୍କ ଭାଗ୍ୟରେ ଅଛି ବୋଲି ଭାବି ନେଇଛନ୍ତି ।

ଏନେଇ ଆମେ କୋଇଡା ରେଞ୍ଜର ପ୍ରସନ କୁମାର ପ୍ରଧାନଙ୍କୁ ପଚାରିବାରୁ, ଯେଉଁ କମ୍ପାନୀ ସବୁ ଖଣି ପାଇଁ ଗଛ କାଟୁଛନ୍ତି ସେମାନେ ଅନୁମତି ନେଇ ଗଛ କାଟୁଛନ୍ତି । ଯଦି କିଏ ଚୋରାରେ ଗଛ କାଟୁଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହୁଛନ୍ତି । ଏନେଇ ଆମେ କୋଇଡା ଖଣି ଉପ ନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରାଙ୍କୁ ପଚାରିବାରୁ, ବିନା ପରମିଶନରେ କୌଣସି ଖଣି ପରିବହନ କରନ୍ତି ନାହିଁ । ଯଦି କିଏ ଭୁଲ୍ କରେ ନଜରକୁ ଆସେ ଆମେ ତୁରନ୍ତ ଖଣି ମାଲିକ ଉପରେ ଫାଇନ ଲଗାଇଥାଉ ବୋଲି କହିଛନ୍ତି ।

### ଖଡ଼ିଛୁଆଁ ଉତ୍ସବ ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ



**ସୁନ୍ଦରଗଡ, ୨୬।୩(ଜୟ ନାରାୟଣ ମେଣ୍ଡୁଲି)**

ଜାତୀୟ ଶିକ୍ଷା ନୀତି-୨୦୨୦କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କରିବା ପାଇଁ ଏପ୍ରିଲ ୨ରେ ରାଜ୍ୟ ସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡ଼ି ଛୁଆଁ ଉତ୍ସବ ହେବ । ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ଛାତ୍ରୀଛାତ୍ରଙ୍କୁ ଗୁରୁବାର ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି । ସୁନ୍ଦରଗଡ ଜିଲା ପ୍ରଶାସନ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ଗୌଡପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶଙ୍କରାଠାରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ନିମନ୍ତ୍ରଣ ପତ୍ର ବାଣ୍ଟିଥିଲେ । ୮ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲା ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଯିବ । ଏପ୍ରିଲ ୨ ତାରିଖରେ ସ୍ୱତନ୍ତ୍ର ଭାବରେ ସମସ୍ତ ବ୍ଲକ ଓ ଜିଲା ସ୍ତରରେ ଏହି କାର୍ଯ୍ୟକ୍ରମକୁ ପାଳନ କରାଯିବ । ସମସ୍ତଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ପାଇଁ ଏହି ଅଭିଯାନରେ ସାମିଲ ହେବାପାଇଁ ଜିଲା ପ୍ରଶାସନ ତରଫରୁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲାର ସମସ୍ତ ବ୍ଲକରେ ଶିକ୍ଷା ସଚେତନତା ରଥ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନାଥାଉ କି ସେପ୍ଟେମ୍ବର ୨୦୨୬ ସୁଦ୍ଧା ଯେଉଁମାନଙ୍କ ବୟସ ୫ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ସେମାନେ ଶିଶୁ ବାଟିକା ଓ ଯେଉଁମାନଙ୍କ ବୟସ ୬ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ସେମାନେ ପ୍ରଥମ ଶ୍ରେଣୀରେ ଲେଖାଇ ପାରିବେ ।



ରାମନମବୀ ଅବସରରେ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

### ଆଶଙ୍କାରେ ଶିକାଜୋର ସାପ୍ତାହିକ ଗୋରୁ ହାଟ

#### ପ୍ରଶାସନ ନିଷ୍ପତ୍ତିକୁ ଅଞ୍ଚଳବାସୀଙ୍କ ଅପେକ୍ଷା

**ବାଲିଶଙ୍କରା, ୨୬।୩ (ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ତିଲେଇକାନି ପଞ୍ଚାୟତର ଶିକାଜୋର ଗ୍ରାମରେ ଦୀର୍ଘ ଦିନରୁ ଚାଲିଆସୁଥିବା ସାପ୍ତାହିକ ଗୋରୁ ହାଟ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟକାଳ ଶେଷ ହୋଇଯାଇଛି । ଗତ ବୁଧବାର ଛତିଶଗଡ଼ ରାଜ୍ୟ ସୀମାନ୍ତ ଶିକାଜୋର ଗ୍ରାମର ସାପ୍ତାହିକ ଗୋରୁ ହାଟ ଚଳିତ ମାର୍ଚ୍ଚ ମାସର ଶେଷ ଦିନ ଥିଲା । ଆଗାମୀ ଦିନରେ ଏହି ବଜାର ଚାଲିବ ନା ବନ୍ଦ ହେବ ତାହା ଆଶଙ୍କା କରାଯାଉଛି । ଗୋରୁ ହାଟ ଅଞ୍ଚଳର କୃଷକ, ବଳଦ ବ୍ୟବସାୟୀ ଓ ପଶୁପାଳକଙ୍କ ପାଇଁ ଏକ ପ୍ରମୁଖ ରୋଜଗାର କେନ୍ଦ୍ର ଭାବେ ପରିଚିତ ଥିବାବେଳେ ପ୍ରତ୍ୟେକ ସପ୍ତାହରେ ବୁଧବାର ଏଠାରେ ହଜାର ହଜାର ଗୋରୁ ଓ ଅନ୍ୟାନ୍ୟ ପଶୁ କ୍ରୟ ବିକ୍ରୟ ହୋଇଥାଏ । ଏହା ଦ୍ୱାରା ସ୍ଥାନୀୟ ଗୋରୁ ବ୍ୟବସାୟୀ ଲାଭାନ୍ୱିତ ହୋଇଥାନ୍ତି । ଅନ୍ୟପଟେ କିଛିଦିନ ପୂର୍ବରୁ ତିଲେଇକାନି ପଞ୍ଚାୟତର କେତେଜଣ ଲୋକ ଏହି ଗୋରୁ ବଜାରକୁ ବନ୍ଦ କରିବା ପାଇଁ ଜିଲା ପ୍ରଶାସନଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଗୋରୁ ବଜାର ଚାଲିଥିବା ସମୟରେ ଅବୈଧ କାର୍ଯ୍ୟକଳାପ ହେଉଥିଲା । କିନ୍ତୁ ଗୋରୁ ବଜାର ଚାଲୁ ରହିବା ପାଇଁ ସମ୍ପୃକ୍ତ ବ୍ୟବସାୟୀ ଓ ପଶୁପାଳକ ଦାବି ଜଣାଇଥିଲେ । ବଜାର ବନ୍ଦ ହେଲେ ସ୍ଥାନୀୟ ଅର୍ଥନୀତିରେ ଗଭୀର ପ୍ରଭାବ ପଡ଼ିବ ବୋଲି ବ୍ୟବସାୟୀ ଓ ପଶୁପାଳକ ମତ ଦେଇଥିଲେ । ଅଞ୍ଚଳବାସୀ ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି ।

### ବାଇକ୍ ଦୁର୍ଘଟଣା, ଶିଶୁ କନ୍ୟା ମୃତ

**କୁତ୍ରା, ୨୬।୩(ଦେବାଶିଷ ସାହୁ):** କୁତ୍ରା ବ୍ଲକ ଅନ୍ତର୍ଗତ ଛତିଆନ ଗ୍ରାମରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଶିଶୁ କନ୍ୟାଙ୍କ ମୃତ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି । ମୃତା ଶିଶୁ କନ୍ୟା ହେଲେ ସନୟା ମିଞ୍ଜ(୩) । ଲାଞ୍ଜିବେର୍ଣ୍ଣା ଫାଣ୍ଡି ପୋଲିସ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ସହ ଦୁର୍ଘଟଣାର ତଦନ୍ତ କରୁଛି । ଘଟଣାରୁ ଜଣାପଡିଛି, ନିମରୋଧ ମିଞ୍ଜ ଓ ତାଙ୍କ ଝିଅ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ବାଇକ ଯୋଗେ ବିହାବନ୍ଧ ଛକରୁ ନିଜ ଘରକୁ ଫେରୁଥିବା ବେଳେ ଛତିଆନ ଗ୍ରାମ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଉଭୟ ବାପ ଝିଅଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ଡ. ଶିଶୁ କନ୍ୟାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ନିମରୋଧଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ହେଲେ ସେମାନେ ବାଇକରୁ ନିୟନ୍ତ୍ରଣ ହରାଇ ପଡ଼ିଯାଇଥିଲେ ନା କୌଣସି ଗାଡି ତାଙ୍କୁ ଧକ୍କା ଦେଇଥିଲା ତାହା ଜଣାପଡ଼ିନାହିଁ ।

## ବାହୁବଳୀ ହନୁମାନ ବେଶ ଦର୍ଶକଙ୍କୁ ଆକର୍ଷିତ କଲା

**ଲହୁଣୀପଡା, ୨୬।୩(ଦାଶରଥି ପଣ୍ଡା)**

**ମହାସମାରୋହରେ ରାମ ନବମୀ ଶୋଭାଯାତ୍ରା**

ସୁନ୍ଦରଗଡ ଜିଲା ଲହୁଣୀପଡାଠାରେ ଶ୍ରୀ ଶ୍ରୀ ରାମ ନବମୀ ମହୋତ୍ସବ ସମିତି ଓ ବଜରଙ୍ଗ ଦଳ ପକ୍ଷରୁ ରାମ ନବମୀ ପର୍ବ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଲହୁଣୀପଡା ବସଷ୍ଟାଣ୍ଡ ସ୍ଥିତ ଶିବ ମନ୍ଦିରଠାରେ ପୂଜାର୍ଚ୍ଚନା କରିବା ସହିତ ଝଣ୍ଡା ସ୍ଥାପନ, ସାମୂହିକ ହନୁମାନ ଚାଳିସା ପଠନ କରିବା ପରେ ବସଷ୍ଟାଣ୍ଡ ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ଲହୁଣୀପଡା ସହର ପରିକ୍ରମା କରିବା ସହିତ ରାଜାମୁଣ୍ଡା ଛକ ଓ ରାଜାମୁଣ୍ଡା ବାଇପାସ ଦେଇ ପୁନର୍ବାର ଲହୁଣୀପଡା ଛକଠାରେ ପହଞ୍ଚିଥିଲା । ପରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ରାଉରକେଲା ଜିଲା ଯୁବ ମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ରାଉରକେଲା ବିଭାଗ ସଂଘ ଚାଳକ ଅନାଦି ଚରଣ ମାହାନ୍ତ, ନିମନ୍ତ୍ରିତ ଅତିଥିଭାବେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମରସତା ପ୍ରମୁଖ ହୃଦୟ କୁମାର ମାହାନ୍ତ, ଅବସର ପ୍ରାପ୍ତ ବନ ବିଭାଗ କର୍ମଚାରୀ ଆଶିଷ ସାମଲ, ସମ୍ମାନିତ ଅତିଥିଭାବେ ବିଶ୍ୱ ହିନ୍ଦୁ ପରିଷଦ ବଣେଇ ଜିଲା ସମ୍ପାଦକ ଆଲୋକ କୁମାର ମାହାନ୍ତ ଯୋଗ ଦେଇଥିଲେ । ବଜରଙ୍ଗ ଦଳ ଜିଲା ସଂଯୋଜକ ରୋହିତ କୁମାର ମାହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ଅପରାହ୍ନରେ ଶ୍ରୀରାମ ଆଖଡା ଦଳ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ଝଣ୍ଡା ଧରି ବସଷ୍ଟାଣ୍ଡ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଆଖାଡା ପ୍ରଦର୍ଶନ କରିଥିଲେ । ସୁସଜ୍ଜିତ ଗାଡ଼ିରେ ଅଯୋଧ୍ୟା ଶ୍ରୀରାମ ମନ୍ଦିର ମେଢ଼ ସହିତ କୁନି କୁନି କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସୁସଜ୍ଜିତ ଗାଡ଼ିରେ ଶ୍ରୀରାମ ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ପାରମ୍ପରିକ ଅସ୍ତ୍ରଶସ୍ତ୍ର, ନାଗାଡା ବାଦ୍ୟ ଦଳ, ବାହୁବଳୀ ହନୁମାନ ବେଶ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଏହି ଶୋଭାଯାତ୍ରା ସମୟରେ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ, ବିଦ୍ୟୁତ୍ ବିଭାଗ ଓ ଲହୁଣୀପଡା ପୋଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଗୁଡ୍ଡୁ ଚୌଧୁରୀ, ଅମ୍ରିତ ରାୟ, ସିନ୍ଧୁ ଅଧିକାରୀ, ଶିବ ସା, ବିକି ମାହାନ୍ତ, ସଞ୍ଜୀବ ଗୁପ୍ତା, ତୁଫାନ ପଣ୍ଡା, ନିତେସ ଜୟସୱାଲ, ଅରୁଣ ମଲ୍ଲିକ, ଅମିତ ସା, ସନ୍ଦୀପ ମାହାନ୍ତ ଦ୍ୱାରା ଏହି ଶୋଭାଯାତ୍ରା ପରିଚାଳିତ ହୋଇଥିଲା ।

### ଭାଜପା କରମଡ଼ିହି ମଣ୍ଡଳର ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଭାଜପାର କର୍ମକର୍ତ୍ତା ।

**ସୁନ୍ଦରଗଡ, ୨୬।୩(ଜୟ ନାରାୟଣ ମେଣ୍ଡୁଲି)**

ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରମଡ଼ିହି ମଣ୍ଡଳରେ ଗୁରୁବାର ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଲକ୍ଷ୍ମଣ ବୁଢ଼ାଙ୍କ ଅଧ୍ୟକ୍ଷତାରେ ଏହି ମଣ୍ଡଳ ସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଯୋଗଦେଇ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଓ ଏକାତ୍ମ ମାନବବାଦ ଏବଂ ଭାଜପାର ବିଚାରଧାରା ଉପରେ ତାଙ୍କ ଅଭିଭାଷଣ ରଖି କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଜିଲା ସ୍ତରୀୟ ପ୍ରଶିକ୍ଷକ ଭାବେ ଜିଲା ସାଧାରଣ ସମ୍ପାଦକ ଅମୀର ନାଏକ, ଜିଲା ଉପସଭାପତି ଗୁଲସନ ବରୁଆ, ଉଛବ ତନ୍ତୀ, ଜଗବନ୍ଧୁ ଭୋଇ, ମଣ୍ଡଳ ପ୍ରଭାରୀ ତପନ ପଟେଲ, ସତ୍ୟବାନ ବିଶି, ପ୍ରମୁଖ ବୈଚାରିକ ପୃଷ୍ଠ ଭୂମି, ଇତିହାସ ଓ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଦୃଷ୍ଟି କୋଣ, କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟନୟନ ବିଷୟ ଉପରେ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେଇଥିଲେ । ମଣ୍ଡଳ ସାଧାରଣ ସମ୍ପାଦକ ସୁମନ୍ତ ପଟେଲ ସଭା ପରିଚାଳନା କରିଥିଲେ ।

### ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବଣାଇଁ, ୨୬।୩(ପ୍ରଦୀପ ତ୍ରିପାଠୀ):** ଏପ୍ରିଲ ୧ରେ ହେବାକୁ ଥିବା ଓଡ଼ିଶା ଦିବସ ପାଳନ ପାଇଁ ଗୁରୁବାର ବଣାଇଁ ଉପ-ଜିଲାପାଳ କାର୍ଯ୍ୟାଳୟ ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ସ୍ତରୀୟ ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଉପଜିଲାପାଳ ସ୍ୱଦିପ ଟପ୍ପୋ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସମ୍ପର୍କିତ ବିବରଣୀ ପାଠ କରିଥିଲେ । ଉପସ୍ଥିତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ଦିବସ ଦିନ ପ୍ରାତଃ ସମୟରେ ଉତ୍କଳବନ୍ଦନା ଗାନ କରାଯାଇ ସହର ପରିକ୍ରମା କରାଯିବ । ପରେ ବରପୁତ୍ର ମାନଙ୍କୁ ମାଲ୍ୟାର୍ପଣ ଓ ସହରସ୍ଥିତ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଉତ୍କଳ ବନ୍ଦନା ଗାନ କରାଯାଇ ପ୍ରଭାତ ଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶେଷରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରୀକୃତ ହେଲା । ଏହି ବୈଠକରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିୱାଙ୍ଗୀ ଆନନ୍ଦଙ୍କ ସମେତ ପାଳନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆନୁସାଙ୍ଗୀକ ଆଲୋଚନା ପରେ ପୁଷ୍ପାଞ୍ଜଳି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' ବନଦୁର୍ଗାଙ୍କ ବାସନ୍ତିକ ଦୁର୍ଗା ପୂଜା

**ଟେନସା, ୨୬।୩(ସମୀର କୁମାର ପାଢ଼ୀ)**



ସୁନ୍ଦରଗଡ଼ ଜିଲା ବଣ ପାହାଡ଼ ଘେରା ଜଙ୍ଗଲ ମଧ୍ୟରେ ଥିବା ଟେନସାର ବଡ଼ ଘାଟିରେ ଥିବା ମା' ବନଦୁର୍ଗାଙ୍କ ପୀଠରେ ମହା ବାସନ୍ତିକ ଦୁର୍ଗା ପୂଜା ମହାସମାହାରରେ ୫ଦିନ ଧରି ପାଳିତ ହୋଇଯାଇଛି । ମନ୍ଦିର ପୂଜକ ପ୍ରଶାନ୍ତ ଶତପଥି (ନିଲୁ ବାବା)ଙ୍କ ଅଧ୍ୟକ୍ଷତାରେ ମା'ଙ୍କ ବେଲ ବରଣୀ, ମହା ସପ୍ତମୀ, ମହା ଅଷ୍ଟମୀ ଦିନ ବଳିଦାନ, ମହାନବମୀ, ଦଶହରା ଆଦି ପୂଜାର୍ଚ୍ଚନା କରାଯିବା ସହ ପ୍ରତିଦିନ ମା'ଙ୍କ ପୀଠରରେ ଚଣ୍ଡୀ ପାଠ, ଷୋଡ଼ଶ ଉପଚାର ପୂଜା, ହୋମ ଯଜ୍ଞ, ବିଶ୍ୱ ଶାନ୍ତି ଯଜ୍ଞ ଆଦି କରାଯାଇଥିଲା । ମା'ଙ୍କ ମନ୍ଦିର କୁ ବିଭିନ୍ନ ଆଲୋକ ମାଳାରେ ସୁସଜିତ କରାଯାଇଥିଲା । ମା' ବନଦୁର୍ଗାଙ୍କ ପୀଠଟି ଏହି ବାସନ୍ତିକ ଦୁର୍ଗା ପୂଜାରେ ରାତିଦିନ ଚଳ ଚଞ୍ଚଳ ହୋଇ ଉଠେ । କିମ୍ବଦନ୍ତୀ ଅନୁଯାୟୀ ଏହି ଟେନସା ଘାଟିରେ ବହୁ ସମୟରେ ଦୁର୍ଘଟଣା ଘଟି ବହୁ ଲୋକ ମୃତ୍ୟୁ ବରଣ କରୁଥିଲେ । ଯେବେ ଠାରୁ ଏହି ଘଟିରେ ମା'ବନଦୁର୍ଗାଙ୍କ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଗଲା ସେବେ ଠାରୁ ଆଉ ଏହି ଘାଟିରେ ଦୁର୍ଘଟଣା ଘଟୁ ନାହିଁ । ମା'ଙ୍କ ମନ୍ଦିର ନିକଟରେ ଶିବ ମନ୍ଦିର ଓ ଜୟ ବୀର ହନୁମାନଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି । ଏଣୁ ଏହି ବାସନ୍ତିକ ଦୁର୍ଗା ପୂଜାରେ ବହୁ ଦୂର ଦୁରନ୍ତରୁ ଭକ୍ତ ମାନେ ଧାଇଁ ଆସିଥାନ୍ତି । ମା' ବନଦୁର୍ଗାଙ୍କ ବାସନ୍ତିକ ପୂଜାରେ ପ୍ରତିଦିନ ଶହ ଶହ ଭକ୍ତଙ୍କ ସମାଗମ ଦେଖି ବାକୁ ମିଳିଥିଲା । ଶୁକ୍ରବାର ମା'ଙ୍କ ମହାନବମୀ, ଦଶମୀ ପଡୁଥିବାରୁ ସନ୍ଧ୍ୟାରେ ୫ରୁ୬ ହଜାର ଭକ୍ତ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ପୂଜା ଭଲ ହୋଇଛି ବୋଲି ଆୟୋଜକ ବରଦା ପ୍ରଶାଦ ମହାନ୍ତି ପ୍ରକାଶ କରିଛନ୍ତି । ଟେନସାର ସମସ୍ତ ଜନସାଧାରଣ ମାନେ ଉପସ୍ଥିତ ରହି ପରିଚାଳନା କରୁଛନ୍ତି ।

## ୬ ମାସ ଗଲାନି ଫାଟିଲା କଂକ୍ରିଟ ରାସ୍ତା

**ବାଟବଣା ହେଉଛି ବିକଶିତ ଗାଁ, ବିକଶିତ ଓଡ଼ିଶା**

**କୁତ୍ରା, ୨୬।୩(ଦେବାଶିଷ ସାହୁ)**



ରାସ୍ତା ଫାଟିଛି ।




ସୂଚନା ଫଳକ

ଦୁର୍ନୀତିର ପେଣ୍ଠସ୍ଥଳ ପାଲଟିଛି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କନ୍ଦେଇମୁଣ୍ଡା ପଞ୍ଚାୟତ । ଗୋଟେ ପରେ ଗୋଟେ ଦୁର୍ନୀତି ସାମ୍ନାକୁ ଆସୁଛି । କିଛିଦିନ ପୂର୍ବରୁ ରାସ୍ତା ଉପରେ ରାସ୍ତା ନିର୍ମାଣ ହୋଇଥିବା ଖବର ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ନିର୍ମିତ କଂକ୍ରିଟ ରାସ୍ତାର ଗୁଣବତ୍ତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । କୁତ୍ରା ବ୍ଲକର କନ୍ଦେଇମୁଣ୍ଡା ପଞ୍ଚାୟତ କରୁଙ୍ଗା ଗାଁରେ ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ତରଫରୁ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ କାମିନୀଡିହି ଲାଲଘର ଠାରୁ ସଇଲେସ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା । ଫଳରେ ନିର୍ମାଣର ଆରମ୍ଭ ଓ ଶେଷ ତାରିଖ ମଧ୍ୟ ଦର୍ଶାଯାଇନାହିଁ । କିନ୍ତୁ ଦୁର୍ଭାଗ୍ୟବଶତଃ ରାସ୍ତା ନିର୍ମାଣର ୬ ମାସ ମଧ୍ୟ ହୋଇ ନ ଥିବାବେଳେ ଏହାର ଅବସ୍ଥା ଦୟନୀୟ ହୋଇପଡ଼ିଛି । ନିମ୍ନମାନର କାମ ହେତୁ ରାସ୍ତାଟି ବିଭିନ୍ନ ସ୍ଥାନରେ ଫାଟିଯାଇଥିବା ସହିତ ଖଣ୍ଡବିଖଣ୍ଡ ହୋଇପଡ଼ିଛି । ଏହା ଦ୍ୱାରା ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି ଏବଂ ଭବିଷ୍ୟତରେ ଦୁର୍ଘଟଣା ଘଟିବାର ଆଶଙ୍କା ବଢ଼ିଛି । ଏନେଇ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ କାମ ତଦାରଖ ପାଇଁ ଯାଇଥିଲେ ନା ନାହିଁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି । ଏ ଦିଗରେ ବିଭାଗୀୟ ଅଧିକାରୀ, ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ଏହାର ଉଚିତ ତଦନ୍ତ କରି ରାସ୍ତାକୁ ପୁନଃ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି ଉଠାଇଛନ୍ତି । ଏନେଇ କନ୍ଦେଇମୁଣ୍ଡା ସରପଞ୍ଚ ସୁଧୀର ମିଞ୍ଜ କହିଛନ୍ତି ଯେ, ନିମ୍ନମାନର କାମ ଯୋଗୁ ରାସ୍ତାଟି ବିଭିନ୍ନ ସ୍ଥାନରେ ଭାଙ୍ଗିଯାଇଛି ଓ ଏହାର ତଦନ୍ତ ଆବଶ୍ୟକ । ଏହାକୁ ନେଇ କୁତ୍ରା ବିଡିଓ ଗୋପୀନାଥ ଖାଖାଙ୍କୁ ପଚାରିବାରୁ, କ'ଣ ହୋଇଛି ମୁଁ ତଦାରଖ କରିବି ବୋଲି କହିଛନ୍ତି । ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯଦି ନବ ନିର୍ମିତ ରାସ୍ତା ୬ ମାସ ମଧ୍ୟ ଗଲାନାହିଁ ତେବେ ବିକଶିତ ଓଡ଼ିଶାର ସ୍ୱପ୍ନ କେମିତି ସାକାର ହେବ । ଏହି ଯୋଜନା ବାଟବଣା ହେଉଥିବା କହିଛନ୍ତି ଅଞ୍ଚଳବାସୀ ।

**ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର**

ନାକଟିଦେଉଳ,(ବୈକୁଣ୍ଠନାଥ ସାହୁ): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଡିଜିଟାଲ ଜନଗଣନା ପ୍ରକ୍ରିୟାକୁ ଠିକଭାବେ ସମ୍ପାଦନ ପାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାର ଜ୍ଞାନ କୌଶଳ ଓ ତଥ୍ୟ ସଂଗ୍ରହ ପ୍ରଣାଳି ବାବଦରେ ଅବଗତ କରାଯାଇଥିଲା। ସ୍ୱୟଂ ଗଣନା ଏପ୍ରିଲ ୧ରୁ ୧୫ତାରିଖ ଯାଏ ସାଧାରଣ ଜନତା ନିଜେ ନିଜର ତଥ୍ୟ ଅନଲାଇନ ମାଧ୍ୟମରେ ପ୍ରଦାନ କରିପାରିବେ। ମାଷ୍ଟର ଟ୍ରେନରଭାବେ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ସରୋଜ କୁମାର ଭୁଏ, ପ୍ରଫୁଲ୍ଲ କୁମାର ପ୍ରଧାନ, ଯୋଗଦେଇଥିଲେ।

# ସମ୍ବଲପୁରରେ ଅତ୍ୟାଧୁନିକ ପ୍ରେକ୍ଷାଳୟ ପ୍ରତିଷ୍ଠା କର

## ନାଟ୍ ନାଟୁଆ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସମ୍ବଲପୁର,୨୬।୩(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ଏକ ଅତ୍ୟାଧୁନିକ ନାଟ୍ୟ ପ୍ରଦର୍ଶନ ଉପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବି କରିଛି ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତ 'ନାଟ୍ ନାଟୁଆ'। ଗୁରୁବାର ଅନୁଷ୍ଠାନର ଏକ ପ୍ରତିନିଧି ଦଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି, ସାରା ଭାରତରେ ସମ୍ବଲପୁରୀ ଲୋକନୃତ୍ୟ, ନାଟକ ଓ ସଙ୍ଗୀତ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ଏହି ମାଟିର ଅନେକ କଳାକାର ପଦ୍ମ ସମ୍ମାନ ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଭଳି ପ୍ରତିଷ୍ଠିତ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହାସତ୍ତ୍ୱେ ସହରରେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ ଉପଯୋଗୀ ଉପଯୁକ୍ତ ସରକାରୀ ପ୍ରେକ୍ଷାଳୟର ଅଭାବ କଳାକାରଙ୍କ ବିକାଶରେ ବଡ଼ ପ୍ରତିବନ୍ଧକ ସାଜିଛି। ଯଦିଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଭିମସାର ଭଳି ଶିକ୍ଷାନୁଷ୍ଠାନଗୁଡ଼ିକରେ କଳା ପ୍ରଦର୍ଶନ ପାଇଁ ସୁବିଧା ରହିଛି, ତଥାପି ସାଧାରଣ କଳାକାର ଓ ନାଟ୍ୟପ୍ରେମୀଙ୍କ ପାଇଁ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ କିମ୍ବା ଭଞ୍ଜ କଳା ମଣ୍ଡପ ଶୈଳୀରେ ଏକ ସ୍ୱତନ୍ତ୍ର ନାଟ୍ୟମଞ୍ଚର ଆବଶ୍ୟକତା ରହିଛି। ପୂର୍ବରୁ ଏ ସଂକ୍ରାନ୍ତରେ ପୂର୍ବତନ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ତ୍ତମାନ ତପସ୍ୱିନୀ ପ୍ରେକ୍ଷାଳୟରେ ଅନେକ ନାଟକ ଉତ୍ସବ ଅନୁଷ୍ଠିତ ହେଉଥିଲେ ହେଁ ଏଠାରେ ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ ରହିଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରର କଳା ସଂସ୍କୃତିର ବିକାଶ ପାଇଁ ଏକ ପ୍ରେକ୍ଷାଳୟ ନିର୍ମାଣ ନିମନ୍ତେ ଉଚିତ ପଦକ୍ଷେପ ନେବାକୁ ସୂର୍ଯ୍ୟ ପାଣିଗ୍ରାହୀ, ବାବୁଲୁ ବାଗ, ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଶାନ୍ତ ମାଝୀ, ହାରାଧନ ପାଣ୍ଡେ, ଗୋରେଖଲାଲ୍ ଦାଶ, ସଞ୍ଜୀବ ପାଢ଼ୀ, ପ୍ରଦୀପ ପଣ୍ଡା, ଯୋଗେଶ ନନ୍ଦ, ଅତିଶ ସତପଥୀ, ବିରୂପାକ୍ଷ ପ୍ରଧାନଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଜିଲାପାଳଙ୍କୁ ବିନୀତ ଅନୁରୋଧ କରିଛନ୍ତି।


ପ୍ରେକ୍ଷାଳୟ ନିର୍ମାଣ ଦାବିରେ ଜିଲାପାଳଙ୍କ ସହ ନାଟ୍ ନାଟୁଆ ଅନୁଷ୍ଠାନ ସଦସ୍ୟ ଆଲୋଚନା କରୁଛନ୍ତି।

# ପୀଡ଼ିତ ଶିଶୁଙ୍କୁ ଚିହ୍ନଟ କରି ଆଗକୁ ବଢ଼ିବାରେ ସହାୟତା କର

ଜମନକିରା,୨୬।୩(ରବୀନ୍ଦ୍ର ପ୍ରସାଦ ଦାନୀ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅଧିକାରୀ ।

**ବାଲ୍ୟ ବିବାହ, ଶିଶୁ ଶ୍ରମିକ ସରଭାଇବର ନେଟୱର୍କ କାର୍ଯ୍ୟକ୍ରମ**

ଜମନକିରା ବ୍ଲକ ସଦର ମହକୁମାସ୍ଥିତ ସାମ୍ବାଦିକ ଭବନଠାରେ ସମ୍ବଲପୁର ସମନ୍ୱିତ ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ବାଲ୍ୟ ବିବାହ, ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ସମ୍ପର୍କିତ ବ୍ଲକସ୍ତରୀୟ ସରଭାଇବର ନେଟୱର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରାଜାରାମ ଷଡଙ୍ଗୀ, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ସିଡିପିଓ ମମତା ପଟେଲ, ମିଶନଶକ୍ତି ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫୁଲ୍ଲ କିଣ୍ଡୋ, ଅବସରପ୍ରାପ୍ତ ଶିକ୍ଷକ ମୋତିଲାଲ ସାହୁ, ରାମଚନ୍ଦ୍ର ସିଂ, ସାରଦା ପ୍ରସନ୍ନ ଦାଶ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଡ଼ିଏସ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସିଆରପି, କମ୍ୟୁନିଟି ଲିଡର୍ସ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ସିଡ଼ି ଅନୁଷ୍ଠାନର ଆକସେସସ ଟୁ ଜଷ୍ଟିସ ପ୍ରକଳ୍ପର ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ସମ୍ବନ୍ଧୀୟ ନିୟମକାନୁନ, ରିପୋର୍ଟିଂ କୌଶଳ ଓ ବିଭିନ୍ନ ଶିଶୁ ସୁରକ୍ଷା ଅନୁଷ୍ଠାନଗୁଡିକ ଗାଁସ୍ତରରୁ ଜିଲା ପର୍ଯ୍ୟନ୍ତ କାର୍ଯ୍ୟରତ ଅନୁଷ୍ଠାନ ସମ୍ପର୍କରେ ବୁଝାଇଥିଲେ। ଏହିସଭାରେ ନିର୍ଯାତନାର ଶିକାର ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢିବାରେ ସହାୟତା କରିବା, ମାନସିକ ଓ ଶାରୀରିକ ସହଯୋଗ ନେଇ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟରେ ସଞ୍ଜୟ ଧୂରୁଆ, କମଳ ଭୋଇ, ଶୁଭମ ପ୍ରଧାନ, ସମୀର ମହାଲିକ, ବିଜୟ ଦେହୁରୀ ସହଯୋଗ କରିଥିଲେ। ଶେଷରେ ସିଡ ଅନୁଷ୍ଠାନ କୋଅର୍ଡିନେଟର ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୯ଜଣ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ସମ୍ବଲପୁର,୨୬।୩(ବି.ଶଙ୍କର)

ସମ୍ବଲପୁର କୁଞ୍ଜେଲପଡାସ୍ଥିତ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ଜୀବ ବିଜ୍ଞାନ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନର ଗୁରୁବାର ଥିଲା ଶେଷ ଦିବସ। ମୂଲ୍ୟାୟନରେ ନିଯୁକ୍ତ ୯ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଶିକ୍ଷକତାରୁ ଉପରୋକ୍ତ ୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅବସର ନେବାକୁ ଅଛି। ତେଣୁ ଆସନ୍ତା ବର୍ଷ ସେମାନେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କରିବାକୁ ଆସିବେ ନାହିଁ। ଏହାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବରିଷ୍ଠ ଶିକ୍ଷକ ବିଜ୍ଞାନ ଶିକ୍ଷକ ଡ.ଗୌରିଦାସ ପ୍ରଧାନ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏହି ସଭାରେ ପରୀକ୍ଷା ମୂଲ୍ୟାୟନ ଶିବିରର ମୁଖ୍ୟ ଶୁଭାଶିଷ ସରକାର ଓ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପରୀକ୍ଷା ସହାୟକ ସନ୍ତୋଷ କୁମାର ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥି ଓ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ନିଜ ଶିକ୍ଷକତା ଜୀବନର ଅନ୍ତିମ ଖାତା ମୂଲ୍ୟାୟନରେ ସୂଚାରୁରୂପେ ଦାୟିତ୍ୱ ସମ୍ପନ୍ନ କରିଥିବା ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ରାଖି ମହାପାତ୍ର, ରଜତ ପୂଜାରୀ, ଶୈଳବାଳା ଦାସ, ସୁଧିର କୁମାର ନାୟକ, କିରଣ କୁମାର ନାୟକ, ତ୍ରିବେଣୀ ପ୍ରଧାନ, ପଙ୍କଜ କୁମାର ସାହୁ, ସବିତାକାନ୍ତି ପାଣିଗ୍ରାହୀଙ୍କୁ ଉତ୍ତରୀୟ ଓ ଗଛ ଚାରା ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସମ୍ବର୍ଦ୍ଧିତ ଶିକ୍ଷକ କିରଣ କୁମାର ନାୟକ ଓ ଶିକ୍ଷୟିତ୍ରୀ ରାଖି ମହାପାତ୍ର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ସମୟ ଦେଇପାରିଥିବାରୁ ତାହା ଜୀବନର ମହାର୍ଘ ଉପଲବ୍ଧି ବୋଲି କହିଥିଲେ।

# ଜିଲାପାଳଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ


ଜିଲାପାଳଙ୍କ ସହ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

ସମ୍ବଲପୁର,୨୬।୩(ପ୍ରମୋଦ ବହିଦାର)

**ପଡ଼ିଆବାହାଲ୍ ପିଏଚ୍‌ସିରେ ଡାକ୍ତରର ଅଭାବରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଡ଼ିଆବାହଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)ରେ ୨ ମାସ ହେଲା ଡାକ୍ତର ନାହାନ୍ତି। ଫଳରେ ସମ୍ପୃକ୍ତ ପିଏଚ୍‌ସି ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବା ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ବାହାମ ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ଭାଜପା କୃଷକ ମଞ୍ଚ ସଭାପତି ମିତ୍ରଭାନୁ ପ୍ରଧାନଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଗୁରୁବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରିଥିଲେ। ଏଠାରେ ଶୀଘ୍ର ଡାକ୍ତର ନିଯୁକ୍ତି ଓ ବନ୍ଦ ରହିଥିବା ପ୍ରସବ କେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଏହି ଅଭିଯୋଗକୁ ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର ଜଣେ ଡାକ୍ତର ନିଯୁକ୍ତି କରି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସରପଞ୍ଚ ପ୍ରଧାନ କହିଛନ୍ତି, ଜାତୀୟ ରାଜପଥ(୫୩) କଡ଼ରେ ଅବସ୍ଥିତ ପଡ଼ିଆବାହଲ ପିଏଚ୍‌ସି ଚିକିତ୍ସା ସେବା କ୍ଷେତ୍ରରେ ଅଞ୍ଚଳବାସୀ ପାଇଁ ଏକ ମୁଖ୍ୟକେନ୍ଦ୍ର। ଏହା ଉପରେ ଚିକିତ୍ସା ପାଇଁ ପଡ଼ିଆବାହାଲ ଓ ବାହାମ ପଞ୍ଚାୟତ ସହିତ ଆଖପାଖ ୧୧ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଦୈନିକ ପ୍ରାୟ ଶହେରୁ ଅଧିକ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ଏଭଳି ସ୍ଥିତିରେ ଡାକ୍ତରଙ୍କ ଅନୁପସ୍ଥିତି ସାଧାରଣ ଲୋକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଥିସହିତ ଗତ ୨ବର୍ଷ ହେବ ଡାକ୍ତରଖାନାରେ ପ୍ରସବ କେନ୍ଦ୍ର(ଡିପି ପଏଣ୍ଟ) ମଧ୍ୟ ବନ୍ଦ ରହିଛି। ଯାହା ଫଳରେ ଗର୍ଭବତୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏଠାରେ ଜଣେ ଆୟୁଷ ଡାକ୍ତର ନିୟୋଜିତ ଥିଲେ। ହେଲେ ୨ ମାସ ହେବ ସେ ଅନ୍ୟତ୍ର ବଦଳି ପରେ ପଦବୀ ଖାଲି ପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରତିନିଧି ଦଳରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ପଡ଼ିଆବାହାଲ ମଣ୍ଡଳ ସଭାପତି ଆକାଶ ମିଶ୍ର, ଅଶୋକ ରାଏ, ପ୍ରକାଶ ବଡ଼େଇ, ପିଙ୍କୁ ସାହୁ, ଟିଙ୍କୁ ପ୍ରଧାନ, ସୁନନ୍ଦା ପ୍ରଧାନ, ଉମାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

# ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡ

ରେଢ଼ାଖୋଲ,୨୬।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଞ୍ଚଳରେ ୨୦୨୪ ଡିସେମ୍ବର ୫ ତାରିଖରେ ଘଟିଥିବା ଏକ ବଳାତ୍କାର ମାମଲାର ରାୟ ଗୁରୁବାର ରେଢ଼ାଖୋଲ ଅତିରିକ୍ତ ଜିଲାଜଜ୍(ସ୍ପେଶିଆଲ କୋର୍ଟ) ପ୍ରକାଶ କରିଛନ୍ତି। ବିଚାରପତି ପାର୍ଥସାରଥି ପଟ୍ଟନାୟକ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ମହଲା(୪୬)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ବୌଦ୍ଧ ଜିଲାର ମୂଳବାସିନ୍ଦା ଅଭିଯୁକ୍ତ ପ୍ରଫୁଲ୍ଲ ମହଲା ରେଢାଖୋଲ ବୈଷ୍ଣବଝୁଲି ନିକଟରେ ରହି ଜଡିବୁଟି ଔଷଧ ବିକ୍ରି କରୁଥିଲେ। ତାଙ୍କ ପାଖକୁ ଲୋକେ ଔଷଧ ନେବାକୁ ଆସୁଥିଲେ। ଚାରମାଲ ଅଞ୍ଚଳର ପୀଡିତା ଯୁବତୀ ଓ ତାଙ୍କ ମା' ଔଷଧ ନେବାକୁ ତାଙ୍କ ପାଖକୁ ଆସିଥିଲେ। ଏହି କାରଣରୁ ସେମାନଙ୍କ ଭିତରେ ପରିଚିତି ଥିଲା। ପରବର୍ତ୍ତୀ ସମୟରେ ମନ୍ଦ ଉଦ୍ଦେଶ୍ୟ ରଖି ପ୍ରଫୁଲ୍ଲ ଫୋନ କରି ସମ୍ପୃକ୍ତ ଯୁବତୀଙ୍କୁ ଡାକିଥିଲେ। ୨୦୨୪ ଡିସେମ୍ବର ୫ରେ ଯୁବତୀ ଜଣଙ୍କ ଆସିବା ପରେ ପ୍ରଫୁଲ୍ଲ କୌଶଳକ୍ରମେ ତାଙ୍କୁ ନିଶା ଔଷଧ ଖୁଆଇ ବଳାତ୍କାର କରିଥିଲେ। ଯୁବତୀ ଜଣଙ୍କ ଡିସେମ୍ବର ୬ରେ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୨୮୬/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୧ଜଣ ସାକ୍ଷୀଙ୍କ ବୟାନ, ୩୮ଦସ୍ତାବିଜର ଯାଞ୍ଚ ପରେ ଜିଲାଜଜ୍ ପଟ୍ଟନାୟକ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ସଂଯୁକ୍ତା କଚ୍ଛପ ମାମଲା ପରିଚାଳନା କରୁଥିଲେ।

# ଖଡ଼ିଛୁଆଁ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ

ନାକଟିଦେଉଳ,୨୬।୩(ବୈକୁଣ୍ଠନାଥ ସାହୁ)


ଖଡ଼ିଛୁଆଁ ଉତ୍ସବ ପାଇଁ ଜଣେ ଅଭିଭବକଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଉଛି।

ବିକଶିତ ଓଡ଼ିଶା ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ଜରୁରୀ। ଏଥିପାଇଁ ୫ବର୍ଷ ବୟସରୁ ଅଧିକ ପିଲାଙ୍କୁ ଏଥିରେ ସାମିଲ କରିବା ପାଇଁ ସରକାର ପ୍ରବେଶ ଉତ୍ସବ ତଥା ଖଡ଼ିଛୁଆଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ ୫ବର୍ଷରୁ ଅଧିକ ଏବଂ ୬ବର୍ଷରୁ ଅଧିକ ବୟସର ପିଲାଙ୍କ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି । ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଦେଶର ପ୍ରଥମ ରାଜ୍ୟ ଭାବରେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଗତ ଶିକ୍ଷା ବର୍ଷଠାରୁ ଶିଶୁ ବାଟିକା ଆରମ୍ଭ କରାଯାଇଛି । ଶିକ୍ଷା ବର୍ଷ ୨୦୨୬-୨୭ ପାଇଁ ସେପ୍ଟେମ୍ବର ୨୦୨୬ସୁଦ୍ଧା ୫ବର୍ଷରୁ ଅଧିକ ବୟସର ପିଲାଙ୍କୁ ଶିଶୁ ବାଟିକା ଏବଂ ୬ ବର୍ଷରୁ ଅଧିକ ବୟସର ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଯିବାର ବ୍ୟବସ୍ଥା କରାଯାଇଛି। ଏଥି ସହିତ ଆସ ସ୍କୁଲ ଯିବା ଅଭିଜନରେ ବିଦ୍ୟାଳୟ ବାହାରେ ଥିବା ୫ବର୍ଷରୁ ୧୮ବର୍ଷ ବୟସର ପିଲାଙ୍କୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯିବ । ଏହି କ୍ରମରେ ଆସନ୍ତା ଏପ୍ରିଲ ୨ରେ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଇଁ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ପିଲାମାନଙ୍କ ଅଭିଭାବକ, ଅଭିଭାବିକାଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ତହସିଲଦାର ଅମର ଯଶପ୍ରୀତ ଡୁଙ୍ଗଡୁଙ୍ଗ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ବେହେରା, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ନାକଟିଦେଉଳ ଗ୍ରାମର ବିଭିନ୍ନ ସାହିକୁ ଯାଇ ଅଭିଭାବିକା, ଅଭିଭାବକାମାନଙ୍କୁ ଏହି ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି । ନିମନ୍ତ୍ରଣ ପତ୍ର ବଣ୍ଟନ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ନାକଟିଦେଉଳ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ, ଅଙ୍ଗନୱାଡି କର୍ମୀ ସୁଷମା ମହାପାତ୍ର ଉପସ୍ଥିତ ଥିଲେ।

# ରାମ ନବମୀ ଆଜି: ହାଇ ଆଲର୍ଟରେ ସମ୍ବଲପୁର

ସମ୍ବଲପୁର,୨୬।୩(ପ୍ରମୋଦ ବହିଦାର)

ଶୁକ୍ରବାର ଶ୍ରୀରାମ ନବମୀ ଉପଲକ୍ଷେ ପାଳିତ ହେବାକୁ ଥିବା ଶୋଭାଯାତ୍ରା ପାଇଁ ହାଇଆଲର୍ଟରେ ରହିଛି ସମ୍ବଲପୁର ସହର। ସମଗ୍ର ସହର ପୋଲିସ ଛାଉଣୀରେ ପରିଣତ ହୋଇଛି। ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ପୋଲିସ ଓ ଏସ୍‌ଓପି ଯବାନଙ୍କୁ ମୁତୟନ କରାଯାଇଛି। ସନ୍ଦିଗ୍ଧ ସ୍ଥାନରେ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରାଯାଇଛି। ଶୋଭାଯାତ୍ରାରେ ୧ହଜାରରୁ ଊର୍ଦ୍ଧ୍ୱ କଳାକାର ସାମିଲ ହେବେ। ଏଥିପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ପକ୍ଷରୁ ୩୦ ପ୍ଲାଟୁନ୍ ଯବାନଙ୍କ ଫ୍ଲାଗମାର୍ଚ୍ଚ କରାଯାଇଛି। ଫ୍ଲାଗମାର୍ଚ୍ଚ ରିଜର୍ଭ ପୋଲିସ ଲାଇନରୁ ବାହାରି ମୁଦିପଡ଼ା, କୁଞ୍ଜେଲପଡ଼ା, ବୈଦ୍ୟନାଥଛକ, ଗୋଲବଜାର, ଲକ୍ଷ୍ମୀଟକିଜ୍ ଛକ, ଭୁତାପଡ଼ା ଦେଇ ରାମ ମନ୍ଦିରରେ ପହଞ୍ଚିଥିଲା। ପୋଲିସ ପକ୍ଷରୁ ଶୋଭାଯାତ୍ରାର ସମସ୍ତ ମାର୍ଗକୁ ନିରୀକ୍ଷଣ କରାଯିବା ସହିତ ମାର୍ଗର ମ୍ୟାପ୍ ଜାରି କରାଯାଇଛି। ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ସୁରକ୍ଷା ଦୃଷ୍ଟିରୁ ସମଗ୍ର ସହରକୁ ସିସି କ୍ୟାମେରା ଏବଂ ଡ୍ରୋନ ଜରିଆରେ ତୀକ୍ଷ୍ଣ ନଜର ରଖାଯାଉଛି। କୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି।

# ଜିଏମୟୁ ଲାଇବ୍ରେରି, ସୂଚନା ବିଜ୍ଞାନ ବିଭାଗରେ ସେମିନାର


ଜିଏମୟୁର ଲାଇବ୍ରେରି ଏବଂ ସୂଚନା ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ସେମିନାରରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୨୬।୩(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସେମିନାର ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଓଡ଼ିଶାରେ ଲାଇବ୍ରେରୀ ପୁନର୍ଗଠନ ପାଇଁ ଏକ ବିଶେଷ କମିଟି ଗଠନର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ବୁଲୁ ମହାରଣା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଆମନ୍ତ୍ରିତ ବକ୍ତାଭାବେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଆର.ଏନ. ମିଶ୍ର, ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ସୁବର୍ଣ୍ଣ କୁମାର ଦାସ ଏବଂ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ମନୀନ୍ଦ୍ର କୁମାର ସିଂ ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭାରେ ବିଭାଗର ମୁଖ୍ୟ ଏବଂ ସେମିନାରର ଆୟୋଜକ ଡ଼. ରୋଜାଲିନ ରାଉତ ସ୍ୱାଗତ କରିଥିଲେ। ସହଆୟୋଜକ ଡ. ଜୟେନ୍ଦ୍ର କୁମାର ସିଂ ଅତିଥିମାନଙ୍କ ପରିଚୟ ଦେଇଥିଲେ। ସହଆୟୋଜକ ସୁଶ୍ରୀ ସିନିଆ ଟିଗା କାର୍ଯ୍ୟକ୍ରମ ଏବଂ ସମସ୍ତ ପ୍ରାୟୋଗିକ ପର୍ଯ୍ୟାୟ ପରିଚାଳନା କରିଥିଲେ। ଏହି ସେମିନାର ସଫଳ ଆୟୋଜନ ପାଇଁ ରିସର୍ଚ୍ଚ ସ୍କଲାର ଅଜୟ ସ ଓ ମଟିନ ସାହୁ ସହଯୋଗ ପ୍ରଦାନ କରିଥିଲେ । ଏଥିରେ ଓଡ଼ିଶା ଏବଂ ଅନ୍ୟ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଗବେଷକ ଓ ଲାଇବ୍ରେରୀ ପ୍ରଫେଶନାଲ ସକ୍ରିୟ ଅଂଶଗ୍ରହଣ କରିବା ସହ ୪୬ଟି ପେପର ପ୍ରେଜେଣ୍ଟ ହୋଇଥିଲା।

# ଦୁର୍ଘଟଣାର ହଟ୍‌ସ୍ପଟ ପାଲଟିଛି ୫୩ନଂ.ଏନ୍‌ଏଚ୍

ସମ୍ବଲପୁର,୨୬।୩(ବି.ଶଙ୍କର)


ବିଜେଡି ପ୍ରତିନିଧି ଦଳ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରୁଛନ୍ତି।

- ପାଉଁଶ ପ୍ରଦୂଷଣ, ବିଳମ୍ବିତ କାର୍ଯ୍ୟ ଓ ଟ୍ରାଫିକ ଅବ୍ୟବସ୍ଥା ପାଇଁ ଯାଉଛି ଜୀବନ
- ବିଜେଡି ପ୍ରତିନିଧି ଏନ୍‌ଏଚ୍‌ଏଆଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍ ନିର୍ଦ୍ଦେଶକଙ୍କୁ ଭେଟିଲେ

ସମ୍ବଲପୁର ସହର ମଧ୍ୟଭାଗରେ ୫୩ ନମ୍ବର ଜାତୀୟ ରାଜପଥ ରହିଛି। ସଂପ୍ରତି ଏହି ରାଜପଥରେ ଅତ୍ୟାଧୁନିକ ଫ୍ଲାଏଓଭର ନିର୍ମାଣ ଚାଲିଛି। ସତର୍କତକା ବିହୀନ ନିର୍ମାଣ ଯୋଗୁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଦିନକୁଦିନ ବଢ଼ିବାରେ ଲାଗିଛି। ଏନେଇ ଗୁରୁବାର ବିଜେଡିର ଏକ ପ୍ରତିନିଧି ଦଳ ସମ୍ବଲପୁରସ୍ଥିତ ଭାରତୀୟ ଜାତୀୟ ରାଜପଥ ପ୍ରାଧିକାରଣ(ଏନ୍‌ଏଚ୍‌ଏଆଇ) ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍‌ର ନିର୍ଦ୍ଦେଶକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ ଆଲୋଚନା କରିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ସମ୍ବଲପୁର ସିଟି ଷ୍ଟେଶନରୁ ରେମେଡ ଛକ ପର୍ଯ୍ୟନ୍ତ ଚାଲିଥିବା ଏନ୍‌ଏଚ୍ ରାସ୍ତା କାମ ଦ୍ୱାରା ଘଟୁଥିବା ଦୁର୍ଘଟଣା ବିଷୟକୁ ଉଠାଇବା ସହ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ରାସ୍ତା କାମକୁ ଶୀଘ୍ର ସମାପନ କରିବା ପାଇଁ ଦାବି କରିଛନ୍ତି। ଏହା ସହିତ ସମ୍ବଲପୁର ସିଟି ଷ୍ଟେଶନ ସମ୍ମୁଖ ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବା ପାଇଁ ଅତ୍ୟାବଶ୍ୟକ ଭାବେ ହମ୍ପସ ବ୍ୟବସ୍ଥା କରିବା ପାଇଁ ମଧ୍ୟ ପ୍ରତିନିଧି ଦଳ ଦାବି କରିଥିଲେ। ରେଳୱେ ଓଭର ବ୍ରିଜ ପାଇଁ ସିଟି ଷ୍ଟେଶନରୁ ଅଇଁଠାପାଲି ପର୍ଯ୍ୟନ୍ତ ୱାନ ୱେ ହୋଇଥିବା ରାସ୍ତା, ଅତ୍ୟାଧୁନିକ ଓଭର ବ୍ରିଜ ପାଇଁ ପାଞ୍ଚଗଛିଆ ପର୍ଯ୍ୟନ୍ତ ବିଳମ୍ବିତ ହେଉଥିବା ନିର୍ମାଣ କାର୍ଯ୍ୟ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି । ଅପରପକ୍ଷେ ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ସର୍ଭିସ ରୋଡ଼ରେ ଅନିୟମିତ ଭାବେ ଗାଡ଼ି ପାର୍କିଂ କରାଯାଉଥିବାରୁ ଯାତାୟାତ ବ୍ୟବସ୍ଥା ଅସୁବିଧା ହେଉଛି। ପ୍ରତ୍ୟେକ ଦିନ ଦୁର୍ଘଟଣାରେ ନିରୀହ ଜୀବନ ଯାଉଛି। ଅଥଚ ଆଜି ମଧ୍ୟ ଟ୍ରାଫିକ ବ୍ୟବସ୍ଥାରେ ଅବହେଳା ଏଠାରେ ଦୁର୍ଘଟଣାକୁ ବଢ଼ାଉଛି । ଏ ଦିଗରେ ଜିଲା ପ୍ରଶାସନ ମଧ୍ୟ ଠୋସ ପଦକ୍ଷେପ ନେଉ ବୋଲି ଦାବି କରାଯାଇଛି । ପ୍ରତିନିଧି ଦଳ ରାସ୍ତାରେ ଆବଶ୍ୟକ ଟ୍ରାଫିକ ସାଇନ ବୋର୍ଡ ସ୍ଥାପନ, ଉପଯୁକ୍ତ ସ୍ଥାନ ଓ ବିଭିନ୍ନ ଛକରେ ହମ୍ପସ ବ୍ୟବସ୍ଥା କରିବାକୁ ଜୋର ଦେଇଥିଲା । ଏହା ସହିତ ରାସ୍ତା ନିର୍ମାଣ କାମରେ ବ୍ୟବହୃତ ପାଉଁଶ ଦ୍ୱାରା ସୃଷ୍ଟ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିୟମିତ ଭାବେ ଜଳ ସିଞ୍ଚନ ବ୍ୟବସ୍ଥା କରିବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ପରିଷଦ ସଦସ୍ୟ ଗୋକୁଳ ମେହେର, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମିଳନ ହୋତା, ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପଟେଲ, ଛାତ୍ର ବିଜେଡି ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ଧିରେନ ଦେବତା, ଛାତ୍ର ବିଜେଡି କ୍ୟାମ୍ପସ ସଭାପତି ଆର୍ଯ୍ୟନ ବହିଦାର ଓ ଛାତ୍ର ନେତା ଶିବୁ ସେଠ ଉପସ୍ଥିତ ଥିଲେ । ଏନଏଚଆଇ ନିର୍ଦ୍ଦେଶକ ପ୍ରତିନିଧି ଦଳର ଦାବିଗୁଡ଼ିକୁ ସକାରାତ୍ମକ ଭାବେ ଗ୍ରହଣ କରି, ସମସ୍ୟାର ସମାଧାନ ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ ।

